ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.252 Bhubaneswar Sunday November 27 2022 | ୨୫ତମ ବର୍ଷ ସଂଖ୍ୟା-୨୫୨ ଭୁବନେଶ୍ୱର, ରବିବାର, ନଭେମ୍ବର ୨୭, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹.50 | (Air Surcharge - 0.50P) | Member-INS

## ରଥଯାତ୍ରା ପୂର୍ବରୁ ଗଡିବ ଜଗନ୍ନାଥ ଏକ୍ସପ୍ରେସ, ଶୀଘ୍ର ଆସିବ ବନ୍ଦେ ଭାରତ ଏକ୍ସପ୍ରେସ



ଭୁବନେଶ୍ୱର ,୨୬।୧୧(ପି.ଏନ): ରାଜ୍ୟବାସୀ ଓ ସମସ୍ତ ଜଗନ୍ନାଥ ପ୍ରେମୀଙ୍କ ପାଇଁ ଖୁସି ଖବର। ଆସନ୍ତା ରଥଯାତ୍ରା ପୂର୍ବରୁ ଗଡିବ 'ଜଗନ୍ନାଥ ଏକ୍ସପ୍ରେସ୍ ?'। ଇଷ୍ଟକୋଷ୍ଟ ରେଲୱେର ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିବା ନିମନ୍ତେ ଭୁବନେଶ୍ୱର ଗସ୍ତରେ ଆସିଥିବା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ଏହି ଘୋଷଣା କରିଛନ୍ତି ।ରେଳ ମନ୍ତ୍ରୀ କହିଛନ୍ତି, ଭାରତ ଗୌରବ ପ୍ରକଳ୍ପ ଅଧୀନରେ ଗଡିବ 'ଜଗନ୍ନାଥ ଏକ୍ସପ୍ରେସ'। ଏହି ପ୍ରକଳ୍ପ ଅଧୀନରେ ଏହା ହେବ ଦ୍ୱିତୀୟ ଏକ୍ସପ୍ରେସ। ଏହା ପୂର୍ବରୁ ଏହି ପ୍ରକଳ୍ପ ଅଧୀନରେ ରାମାୟଣ ଏକ୍ସପ୍ରେସ ଗଡୁଥିବା ବେଳେ ତାହା ରାମାୟଣର ପ୍ରଚାର ପ୍ରସାର କରୁଛି। 'ଜଗନ୍ନାଥ ଏକ୍ସପ୍ରେସ'ର ରୂପରେଖ ଓ ଡିଜାଇନ ଆଦି ଫାଇନାଲ ହୋଇ ସାରିଛି। ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର କରିବ ଏହି ଏକ୍ସପ୍ରେସ।'ଜଗନ୍ନାଥ ଏକ୍ସପ୍ରେସ' କେଉଁ ଅଞ୍ଚଳରୁ କେଉଁ ଅଞ୍ଚଳକୁ ଗଡିବ ସେ ନେଇ କିଛି ସୂଚନା ଦେଇ ନାହାନ୍ତି ରେଳ ମନ୍ତ୍ରୀ। ଅନ୍ୟପକ୍ଷରେ ରାଜ୍ୟରେ ଖୁବ୍ ? ଶୀଘ୍ର 'ବନ୍ଦେ ଭାରତ ଏକ୍ସପ୍ରେସ' ଗଡିବ ବୋଲି ସେ କହିଛନ୍ତି। ତା'ସହିତ ରାଜ୍ୟ ସରକାର ପ୍ରସ୍ତାବ ଦେଲେ ମେଟ୍ରୋ ଟ୍ରେନ୍ ? ବି ଚାଲିବ ବୋଲି ସେ ସ୍ପଷ୍ଟ କରିଛନ୍ତି ।ରେଳ ମନ୍ତ୍ରୀ କହିଛନ୍ତି, ମେଟ୍ରୋ ଟ୍ରେନ୍ ଚଲାଇବା ନେଇ ରାଜ୍ୟ ସରକାର ଏଯାଏଁ କିଛି ପ୍ରସ୍ତାବ ଦେଇ ନାହାନ୍ତି। ରାଜ୍ୟ ସରକାର ପ୍ରସ୍ତାବ ଦେଲେ ଓଡ଼ିଶାରେ ମେଟ୍ରୋ ଟ୍ରେନ୍ ଚାଲିବ ।ୟୁପିଏ ସରକାର ଅମଳରେ ଓଡିଶାକୁ ମିଳୁଥିବା ରେଳ ଅନୁଦାନ ଓ ଏବେର ରେଳ ଅନୁଦାନ ମଧ୍ୟରେ ଆକାଶ ପାତାଳ ତଫାତ ଥିବା କହିଛନ୍ତି ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବ। ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରି ସେ କହିଛନ୍ତି, ୟୁପିଏ ଶାସନ ସମୟରେ ଓଡ଼ିଶାକୁ ବର୍ଷକୁ ମାତ୍ର ୮ ଶହ କୋଟି ଟଙ୍କା ମିଳୁଥିଲା । ମୋଦି ସରକାର ଆସିବା ପରେ ପ୍ରଥମେ ଡବଲ, ତା'ପରେ ୪ ଗୁଣା ଓ ଏହି ବର୍ଷ ୧୦ ଗୁଣା ହୋଇ ୧୦ ହଜାର କୋଟି ଟଙ୍କା ଓଡ଼ିଶାକୁ ଆସିଛି ।ୟୁପିଏ ସରକାର ବେଳେ ଓଡ଼ିଶାରେ ବର୍ଷକୁ ୨୦ ରୁ ୩୦ କିମି ନୂଆ ରେଳ ଲାଇନ୍ ତିଆରି ହେଉଥିଲା । ଗତବର୍ଷ ୧୮୦ କିମି ରେଳ ଲାଇନ୍ ସମ୍ପୂର୍ଣ୍ଣ ହୋଇଛି । ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୨୩୦ କିମି ରେଳ ଲାଇନ୍ କାମ ସରିଗଲାଣି। ଆସନ୍ତା ମାର୍ଚ୍ଚ ସୁଦ୍ଧା ୫୫୦ କିମି ରେଳ ଲାଇନ ନିର୍ମାଣ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କହିଛନ୍ତି ମନ୍ତ୍ରୀ ।ସେ ଆହୁରି କହିଛନ୍ତି, ୩୨ଟି ଷ୍ଟେସନର ଉନ୍ନତିକରଣ କାମ ଆଗେଇ ଚାଲିଛି । ଆଉ ୪ଟି ଷ୍ଟେସନର ପ୍ଲାନିଂ ଚାଲିଛି । ପୂରା ଓଡ଼ିଶାର ଯେଉଁ ରେଲୱେ ପ୍ରକଳ୍ପ ବାକି ରହିଛି, ତାକୁ ଆଗେଇ ନେବାକୁ ପଦକ୍ଷେପ ନିଆଯାଇଛି । ଭୁବନେଶ୍ୱର ଷ୍ଟେସନର ଉନ୍ନତିକରଣ କାମ ତୀବ୍ର ଗତିରେ ଚାଲିଛି । କ୍ୟାମ୍ପ ଅଫିସ୍ ତିଆରି ସହ କେବଲିଂ କାମ ଚାଲିଛି। ପୁରୀ ଷ୍ଟେସନ ଉନ୍ନତିକରଣ କାମ ବି ଆରମ୍ଭ ହୋଇସାରିଛି । ଓଡ଼ିଶାରେ ପ୍ରତି ଗାଁକୁ ଡିଜିଟାଲି କନେକ୍ଟ କରିବା ପାଇଁ ମୋଦି ସରକାର ୫ ହଜାର ୬୦୦ କୋଟି ଟଙ୍କା ଦେଇଛନ୍ତି । ଏହା ଏବେ ଇଣ୍ଟରନେଟରୁ ଦୂରରେ ଥିବା ରାଜ୍ୟର ୭,୫୦୦ ଗ୍ରାମକୁ ଯୋଡ଼ିବ ।

## ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଲେ ୪ ନକ୍ସଲ



ମାଲକାନଗିରି, ୨୬।୧୧(ପି.ଏନ): ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଲେ ୪ ନକ୍ସଲ। ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜଙ୍ଗଲରେ ସୁରକ୍ଷାକର୍ମୀ-ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ଦୁଇ ପକ୍ଷ ଭିତରେ ପ୍ରବଳ ଗୁଳିଗୋଳା ବର୍ଷା ହୋଇଛି। ସିଆରପିଏଫ୍, ଡିଆରଜି ଓ ଏସ୍ ?ଟିଏଫ୍ ଯବାନଙ୍କ ମିଳିତ ଏନ୍ ?କାଉଣ୍ଟର କରାଯାଇଥିଲା। ଏଥିରେ ଚାରି ଜଣ ନକ୍ସଲଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ଭିତରେ ୨ ଜଣ ମହିଳା ରହିଛନ୍ତି ।ସୂଚନା ମୁତାବକ, ବିଜାପୁରର ମିରତୁର ଥାନା ଅଂଚଳ ପମେଡା ଜଂଗଲରେ ନକ୍ସଲ କ୍ୟାମ୍ପ କରି ରହିଥିବା ସୂଚନା ପାଇଥିଲେ ସୁରକ୍ଷାକର୍ମୀ। ଯାହାକୁ ଆଧାର କରି ଗତକାଲି ରାତିରେ ଯବାନମାନେ ଜଂଗଲରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ତେବେ ଆଜି ସକାଳ ପ୍ରାୟ ସାଢ଼େ ୭ଟା ବେଳେ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ ନକ୍ସଲ। ଯବାନମାନେ ମଧ୍ୟ ପାଲଟା ଆକ୍ରମଣ କରିଥିଲେ। ଯେଉଁଥିରେ ଚାରି ନକ୍ସଲମାନେ ପ୍ରାଣ ହରାଇଥିଲେ, ଯେତେବେଳେ କି ଅନ୍ୟମାନେ ଛତ୍ରଭଙ୍ଗ ଦେଇ ପଳାଇଥିଲେ। ଛତ୍ର ଭଙ୍ଗ ଦେଇଥିବା ନକ୍ସଲଙ୍କ ଭିତରୁ ୩ରୁ ୪ ଜଣ ଆହତ ହୋଇଥିବା ଅନୁମାନ କରାଯାଉଛି ।ଘଟଣାସ୍ଥଳରୁ ବନ୍ଧୁକ ସମେତ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଅଧିକ ସଂଖ୍ୟକ ମାଓବାଦୀଙ୍କ ଉପସ୍ଥିତି ନେଇ ଏବେବି ସର୍ଚ୍ଚ ଅପରେସନ ଜାରି ରହିଥିବା ପୁଲିସ ସୂତ୍ରରୁ ଜଣାପଡିଛି।

## ୧୫ ବର୍ଷ ହେଲା ଜଙ୍ଗଲ ଭିତରେ ଗୋଟିଏ ପରିବାର



ଖଡ଼ିଆଳ, ୨୬।୧୧(ପି.ଏନ): ଚାରିଆଡ଼ ଘଂଚ ଜଙ୍ଗଲ। ଦିନେ କି ମାସେ ନୁହେଁ, ପନ୍ଦର ବର୍ଷ ହେଲା ଜଙ୍ଗଲ ଭିତରେ ଗୋଟିଏ ପରିବାରର କଟୁଛି ଜୀବନ। ନୂଆଁଣିଆ ମାଟି କୁଡିଆ ଘରେ ରହୁଛନ୍ତି ୬ ଜଣିଆ ପରିବାର। ଘର ଖଣ୍ଡେ ନଥିବାରୁ ଜଙ୍ଗଲ ହିଁ ସାଜିଛି ସେମାନଙ୍କ ଆଶ୍ରୟସ୍ଥଳୀ। ନା ସେଠାରେ ପାଣି ଅଛି, ନା ବିଜୁଳି। ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ଖଇରା ଗ୍ରାମର ଫଗଣୁ ମାଝୀ ରହୁଛନ୍ତି ଏଭଳି ଏକ ଘଞ୍ଚ ଜଙ୍ଗଲରେ ।ପାରିବାରିକ ଝଗଡାକୁ ନେଇ ସେ ଗାଁ ନିକଟସ୍ଥ ଜଙ୍ଗଲରେ ରହୁଛନ୍ତି। ଜଙ୍ଗଲ ଭିତରେ ଆବଡ଼ା ଖାବଡ଼ା ପାଦ ଚଲା ରାସ୍ତା। ମଝି ଜଙ୍ଗଲରେ ରହିଛି ଛୋଟ କୁଡିଆଟିଏ। କୁଡିଆର ଉପରେ କେଉଁଠି ଖପରା ତ କେଉଁଠି ଢଙ୍କା ଯାଇଛି ଛିଡା ପାଲ। ଦିନରେ ଖରା ଓ ରାତିରେ ତାରା ଦିଶୁଥିବା ଏହି ଘରେ ରହୁଛନ୍ତି ଛଅ ପ୍ରାଣୀ କୁଟୁମ୍ବ। ଯାହ ଭିତରେ ରହିଛନ୍ତି ଘରର ମୁରବୀ ଫଗଣୁ ମାଝୀ, ଦୁଇ ପତ୍ନୀ ଓ ତିନି ପିଲା ଛୁଆ। ପନ୍ଦର ବର୍ଷ ତଳେ ନିଜ ହାତରେ ଚାଳ ଛପରର ଏହି କୁଡିଆ ତୋଳିଥିଲେ ଫଗଣୁ। ସେବେଠୁ ଏଇଠି ମୁଣ୍ଡ ଗୁଂଜିଛନ୍ତି ।ରାସନକାର୍ଡ ଅଛି। ହେଲେ ସେଥିରେ କେବଳ ଦୁଇ ଜଣଙ୍କ ନାଁ ରହିଛି। ଫଳରେ ଦଶ କେଜି ଚାଉଳରେ ଚଳୁଛନ୍ତି ପୂରା ପରିବାର। ପାଖରେ ପାଣି ନଥିବାରୁ ବାହାର ଗାଁକୁ ଯାଇ ଆଣୁଛନ୍ତି ପାଣି। ପିଲାମାନେ ପାଠ ନପଢି ଗାଈ, ଛେଳି ଚରାଉଛନ୍ତି ।ନୂଆପଡା ଜିଲ୍ଲା ବୋଡ଼ ?ନ ବ୍ଲକ୍ ଖଇରା ଗାଁର ଫଗଣୁ ମାଝୀ ପୂର୍ବରୁ ଗାଁରେ ରହୁଥିଲେ। ଘର ଭାଙ୍ଗିଯିବାରୁ ସମ୍ପର୍କୀୟ ଜାଗା ମାଡି ବସି ତାଙ୍କୁ ତଡିଦେଇଥିଲେ। ଫଳରେ ୧୫ ବର୍ଷ ହେଲା ମୁନ୍ଦିବାହେଲି ଜଙ୍ଗଲ ପାଲଟିଛି ଫଗଣୁଙ୍କ ଆଶ୍ରୟସ୍ଥଳୀ। ଏଭିତରେ ତିନି ତିନିଟି ନିର୍ବାଚନ ଯାଇଛି। ନେତା ଆସି ପ୍ରତିଶ୍ରୁତି ଓଜାଡି ଦେଇଛନ୍ତି। କେତେବେଳେ କହିଛନ୍ତି ଆବାସ ଯୋଜନାରେ ଘର ଦେବେ, ତ କେତେବେଳେ ଘରର ସମସ୍ତ ସଦସ୍ୟଙ୍କ ନାଁ ରାସନ କାର୍ଡରେ ସାମିଲ କରିଦେବେ ।ହେଲେ ସବୁ ପ୍ରତିଶ୍ରୁତି ସାତ ସପନ ପାଲିଟିଛି ଫଗଣୁଙ୍କ ପାଇଁ। ନା ସ୍ଥାନୀୟ ଜନପ୍ରତିନିଧି ତାଙ୍କ ଦୁରାବସ୍ଥା ଦୂର କରିବାକୁ ଚେଷ୍ଟା କରୁଛନ୍ତି, ନା ପ୍ରଶାସନିକ ଦାୟିତ୍ୱରେ ଥିବା ଅଧିକାରୀ ।ଏନେଇ ବୋଡ଼ ?ନ ତହସିଲଦାର ରାଜେଶ ମେହେର କହିଛନ୍ତି, ପ୍ରଶାସନ ପକ୍ଷରୁ ଏହି ପରିବାରଙ୍କୁ ସରକାରୀ ଯୋଜନା ମୁତାବକ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପଦକ୍ଷେପ ନିଆଯିବ ।ତେବେ ଦେଖିବାର କଥା ଫଗଣୁଙ୍କୁ କେବେ ସରକାରୀ ଯୋଜନାରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛି ପ୍ରଶାସନ। କାରଣ ସବୁ କଚ୍ଚା ଘର ପକ୍କା ହେବ, ଆବାସ ଯୋଜନାରେ ସମସ୍ତଙ୍କୁ ସାମିଲ କରାଯିବ, ଏମିତି କେତେ କଣ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଘୋଷଣା କରିଛନ୍ତି ସରକାର। ହେଲେ ରାଜ୍ୟରେ ଫଗଣୁଙ୍କ ଭଳି ଶହ ଶହ ଲୋକ ଅତି ଦୁର୍ଦ୍ଦଶାରେ ରହିଛନ୍ତି।

## ମୃତ ବ୍ୟକ୍ତିଙ୍କ ନାମରେ ପଟ୍ଟା ରହିବ ନାହିଁ

ଗଂଜାମ, ୨୬।୧୧(ପି.ଏନ): ଜଗନ୍ନାଥ ପ୍ରସାଦ ତହସିଲ ଅନ୍ତର୍ଗତ ପ୍ରତାପପୁର ରାଜସ୍ୱ ସର୍କଲରେ ଆରମ୍ଭ ହେଲା ପଟ୍ଟା ଅପଡେଟ କାର୍ଯ୍ୟକ୍ରମ । ମୃତ ବ୍ୟକ୍ତିଙ୍କ ନାମରେ ଆଉ ରହିବନାହିଁ କୌଣସି ପଟ୍ଟା । ଓଡିଶା ମ୍ୟୁଟେସନ ଅତିରିକ୍ତ ଶାସନ ସଚିବ ରାଜସ୍ୱ ବିଭାଗ ପରିପତ୍ର ସଂଖ୍ୟା ୩୪୧୨ ପ୍ରକାରେ ୭ ଅକ୍ଟୋବରରୁ ଏହି ନିୟମ ଲାଗୁ କରାଯାଇଛି । ହିତାଧିକାରୀ ମାନେ ଆବଶ୍ୟକ ପ୍ରମାଣପତ୍ର, ପଟ୍ଟା ର ନକଲ ସହ ଆବେଦନ କଲେ ସେମାନଙ୍କ ବାପା କିମ୍ବା ଜେଜେ ବାପାଙ୍କ ନାମରେ ଥିବା ପଟ୍ଟା ପରିବର୍ତ୍ତନ ହୋଇ ନିଜ ନାମକୁ ବଦଳାଇ ପାରିବେ ବୋଲି କୁହାଯାଇଛି । ଅଂଚଳର ଅନେକ ବ୍ୟକ୍ତି ଖବର ପାଇ ପଟ୍ଟା ସଂଶୋଧନ କରିବା ପାଇଁ ପହଁଚିଥିଲେ । ଏକ ମାସ ପର୍ଯ୍ୟନ୍ତ ଏହି ଧାରା ଜାରୀ ରହିବ ବୋଲି ସୂଚନା ପ୍ରଦାନ କରାଯାଇଛି । ଏଥିରେ ଅତିରିକ୍ତ ତହସିଲଦାର ବାରିଆଲୁ ମୁର୍ମୁ । ସନ୍ତୋଷ କୁମାର ଓଝା, ପ୍ରତାପପୁର ରାଜସ୍ୱ ଅଧିକାରୀ ତପନ କୁମାର ଦଳେଇ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଏଥିସହିତ ଜନସେବା କେନ୍ଦ୍ର ପରିଚାଳକ ଧନଞ୍ଜୟ ପଟ୍ଟନାୟକ, ଅରବିନ୍ଦ ପଟ୍ଟନାୟକଙ୍କ ସହ ବିଭିନ୍ନ ପ୍ରମାଣ ପତ୍ର ଆବେଦନରେ ସଂସ୍କାର ସମ୍ପର୍କରେ ଆଲୋଚନା କରିଥିଲେ । ସରକାରଙ୍କ ଏଭଳି ପ୍ରୟାସକୁ ସାଧାରଣରେ ଖୁବ ପ୍ରସଂଶା କରାଯାଇଛି ।

## ଓଡ଼ିଶାରେ ରେଳ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କଲେ କେନ୍ଦ୍ର ରେଳମନ୍ତ୍ରୀ

ଭୁବନେଶ୍ୱର,୨୬।୧୧(ପି.ଏନ): କେନ୍ଦ୍ର ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ଓଡ଼ିଶା ଗସ୍ତରେ ଆସି ପୂର୍ବତଟ ରେଳପଥ ମୁଖ୍ୟାଳୟ ଚନ୍ଦ୍ରଶେଖରପୁର ସ୍ଥିତ ରେଳ ସଦନ ଠାରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଏବଂ ଅନ୍ୟାନ ପ୍ରମୁଖ ବିଭାଗୀୟ ଅଧିକାରୀମାନଙ୍କ ସହିତ ଓଡ଼ିଶାରେ ଚାଲୁରହିଥିବା ରେଳ ପ୍ରକଳ୍ପ ଗୁଡିକର ସମୀକ୍ଷା କରିଛନ୍ତି ।ଶ୍ରୀ ବୈଷ୍ଣବ ରେଳ ଅଧିକାରୀଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ ଚାଲୁରହିଥିବା ପ୍ରକଳ୍ପ ଗୁଡିକୁ ଶୀଘ୍ର ସମ୍ପାଦନ ପାଇଁ ବିଶେଷ ଧ୍ୟାନ ଦିଆଯିବା ଦରକାର। ପ୍ରକଳ୍ପଗୁଡିକ ଶୀଘ୍ର ଶେଷ କରିବାକୁ ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ସମେତ ସମସ୍ତ ସଂସ୍ଥା ସହିତ ନିରନ୍ତର ସମ୍ପର୍କ ଏବଂ ସମନ୍ୱୟ ରକ୍ଷା କରିବାକୁ ସେ ରେଳ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ।ପରେ ଶ୍ରୀ ବୈଷ୍ଣବ ଓଡ଼ିଶା ନିର୍ମାଣ କନକ୍ଲେଭ -୨୦୨୨ ରେ ଅଂଶଗ୍ରହଣ କରିଥିଲେ ଏବଂ ରେଳବାଇରେ ଏକାଧିକ ରୂପାନ୍ତରଣ, ନୂତନ ଉଦ୍ଭାବନ, ପ୍ରକଳ୍ପର ଶୀଘ୍ର ସମାପ୍ତି, ବନ୍ଦର ସଂଯୋଗ ଇତ୍ୟାଦି ସହିତ ଭାରତୀୟ ରେଳବାଇରେ ପରିବର୍ତ୍ତନ ବିଷୟରେ ସୂଚନା ଦେଇଥିଲେ ।ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି ଯେ ୨୦୧୪ ପୂର୍ବରୁ ଓଡିଶାକୁ କେବଳ ୮୩୦ କୋଟି ବଜେଟ୍ ଆବଂଟନ ମିଳୁଥିଲା। ଚଳିତ ବର୍ଷ ଓଡିଶା ପ୍ରାୟ ୧୦ ହଜାର କୋଟି ବଜେଟ୍ ଆବଂଟନ ପାଇଛି, ଯାହା ଆଶା ଠାରୁ ବହୁତ ଅଧିକ। ସେ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ ୨୦୧୪ ପୂର୍ବରୁ ରାଜ୍ୟରେ ମାତ୍ର ୨୦ ରୁ ୨୫ କିଲୋମିଟର ରେଳ ଲାଇନର ବିକାଶ କରାଯାଉଥିଲା । ଗତ ବର୍ଷ ରାଜ୍ୟରେ ପ୍ରାୟ ୧୮୦ କିଲୋମିଟର ରେଳ ଲାଇନ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା ଏବଂ ଚଳିତ ବର୍ଷ ପ୍ରାୟ ୫୫୦ କିଲୋମିଟର ରେଳ ଲାଇନ ବିକଶିତ କରାଯିବ। ଏହା ରେଳ ବିକାଶ କ୍ଷେତ୍ରରେ ଓଡିଶାର ବୃହତ ପରିବର୍ତ୍ତନକୁ ସୂଚିତ କରେ ।ଶ୍ରୀ ବୈଷ୍ଣବ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ ୨୮ ଟି ଷ୍ଟେସନକୁ ବିଶ୍ୱସ୍ତରୀୟ ଢାଂଚାରେ ନିର୍ମାଣ କରିବାକୁ ଯୋଜନା କରାଯାଇଛି, ଯେଉଁଠାରେ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଛି ଏବଂ କାର୍ଯ୍ୟ ଚାଲିଛି। ଖୁବ ଶୀଘ୍ର ଓଡିଶାକୁ ବନ୍ଦେ ଭାରତ ଏକ୍ସପ୍ରେସ ମିଳିବ ବୋଲି ସେ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ଖୁବ୍ ଶୀଘ୍ର ରାଜ୍ୟରେ ୫ଏ କନେକ୍ଟିଭିଟି ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି ।ଏହା ବ୍ୟତୀତ ଶ୍ରୀ ବୈଷ୍ଣବ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ, ରଥ ଯାତ୍ରା ପୂର୍ବରୁ ଜଗନ୍ନାଥ ସର୍କିଟ ଟ୍ରେନ୍ ଚଳାଇବାକୁ ରେଳବାଇ ଯୋଜନା କରୁଛି ଯାହା ପ୍ରଭୁ ଜଗନ୍ନାଥ ଏବଂ ଓଡିଶାର ମହାନ ସଂସ୍କୃତି,ଐତିହ୍ୟ ଏବଂ ଇତିହାସ ଓ କଥାବଳିକୁ ପ୍ରଦର୍ଶନ କରିବ ।

## ଅଭିନେତ୍ରୀ ରାଣୀ ପଣ୍ଡାଙ୍କ କାର୍ ଦୁର୍ଘଟଣାଗ୍ରସ୍ତ

କଟକ, ୨୬।୧୧(ପି.ଏନ): କଟକ ଜିଲ୍ଲା ଆଠଗଡ଼- ମୁଣ୍ଡୁଳି ରାସ୍ତାର ଡାଳଖାଇ ଛକରେ ଗତକାଲି ବିଳମ୍ବିତ ରାତିରେ ଓଡ଼ିଆ ଅଭିନେତ୍ରୀ ରାଣୀ ପଣ୍ଡାଙ୍କ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି । କାର୍ ଟି ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ଗୁରୁତର ବାଇକ୍ ଆରୋହୀଙ୍କୁ ଚିକିତ୍ସା ନିମନ୍ତେ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ମୃତକ ନିକଟସ୍ଥ ରାଜନଗର ଗ୍ରାମର ସୁକାନ୍ତ ବେହେରା ବୋଲି ଜଣାପଡିଛି ।

## ଦାରିଙ୍ଗବାଡିରେ ପର୍ଯ୍ୟଟକଙ୍କୁ ନିମ୍ନମାନର ଖାଦ୍ୟ ଓ ଅପମିଶ୍ରିତ ସାମଗ୍ରୀ ବିକ୍ରି : ଅଭିଯୋଗ ପରେ ପ୍ରଶାସନର ଚଢଉ

କନ୍ଧମାଳ, ୨୬।୧୧(ପି.ଏନ): ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିକୁ ପର୍ଯ୍ୟଟକ ଆସି ଶୋଷଣର ଶିକାର ହେଉଛନ୍ତି। ପର୍ଯ୍ୟଟକଙ୍କ ଗହଳିକୁ ଦେଖି ଦୋକାନୀମାନେ ଚଢ଼ା ଦରରେ ମାଛ, ମାଂସ ବିକ୍ରି କରୁଛନ୍ତି। ଏହି ସୁଯୋଗରେ କନ୍ଧମାଳ ହଳଦୀ ନାମରେ ଅପମିଶ୍ରଣ ହଳଦୀ ମଧ୍ୟ ବିକ୍ରି ହେଉଛି। ସେହିପରି ପାରମ୍ପରିକ ସାମଗ୍ରୀ ନାମରେ ବାହାର ମାର୍କେଟରୁ ସାମଗ୍ରୀ ଆଣି କଫି ବଗିଚା ସମ୍ମୁଖରେ ଚଢ଼ା ଦରରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଏହାର ପ୍ରତ୍ୟକ୍ଷ ପ୍ରମାଣ ମିଳିଯାଇଛି। ଏକ ପର୍ଯ୍ୟଟକ ଟିମ୍ ଦାରିଙ୍ଗବାଡିକୁ ଭୋଜି କରିବାକୁ ଆସିଥିଲେ। ସେମାନେ ସ୍ଥାନୀୟ ମାର୍କେଟରୁ ସାଂସ କିଣି ରୋଷେଇ କରିଥିଲେ। ହେଲେ ପରେ ଏହା ନିମ୍ନମାନର ବୋଲି ଜଣାପଡ଼ିଥିଲା। ତେଣୁ ପର୍ଯ୍ୟଟକମାନେ ନଖାଇ ଏହାକୁ ଫୋପାଡି ଦେଇଥିଲେ। ପରେ ଏହାର ଭିଡିଓ ଭାଇରାଲ ହୋଇଥିଲା। ଏ ସମ୍ପର୍କରେ ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର, ତହସିଲଦାର ଡ. ଅଶୋକ କୁମାର ଦାସ, ଆଇଆଇସି କୌଶିକ ମାଝୀ ସଦଳବଳେ ଶନିବାର ମାର୍କେଟରେ ଚଢ଼ଉ କରି ଦୋକାନୀଙ୍କ ଠାରୁ ଜରିମାନା ଆଦାୟ କରିଥିବା ଜଣାପଡିଛି। ଏପରିକି କଫି ବଗିଚା ସମ୍ମୁଖରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଅନ୍ୟପକ୍ଷରେ ଟ୍ରାଫିକ ସମସ୍ୟାର ସମାଧାନ ନେଇ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଥିଲା। ଏହା ସମେତ ମାଛ, ମାଂସ ସହ ସ୍ଥାନୀୟ ହଳଦୀ, ସୋରିଷ, ଗୋଲମରିଚ, କଫି, ମାଣ୍ଡିଆ ଆଦି ସାମଗ୍ରୀର ଦର ତାଲିକା ପ୍ରସ୍ତୁତ କରି ଦୋକାନ ସମ୍ମୁଖରେ ଲଗାଇବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ପଦ୍ମପୁର ଉପନିର୍ବାଚନ: କଂଗ୍ରେସ ଦେଲା ୧୩ ପ୍ରତିଶ୍ରୁତି



ଭୁବନେଶ୍ୱର ,୨୬।୧୧(ପି.ଏନ): ପଦ୍ମପୁର ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀ ସତ୍ୟଭୂଷଣ ସାହୁଙ୍କ ସପକ୍ଷରେ ଭୋଟ୍ ଦେବାକୁ କଂଗ୍ରେସ ପଦାଧିକାରୀମାନେ ଆହ୍ୱାନ କରିବା ସହ ପଦ୍ମପୁରବାସୀଙ୍କୁ ଦଳ ପକ୍ଷରୁ ୧୩ଟି ପ୍ରତିଶ୍ରୁତି ଦିଆଯାଇଛି। କଂଗ୍ରେସ ପ୍ରାର୍ଥୀ ବିଜୟୀ ହେଲେ ଏହି ସବୁ ପ୍ରତିଶ୍ରୁତିକୁ ପୂରଣ କରାଯିବ ବୋଲି ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ଘୋଷଣା କରାଯାଇଛି । ଦଳ ପକ୍ଷରୁ ପଦ୍ମପୁର ଉପନିର୍ବାଚନ ପାଇଁ ଏକ ଇସ୍ତାହାର ମଧ୍ୟ ଜାରି ହୋଇଛି ।ପିସିସି ସଭାପତି ଶରତ ପଟ୍ଟନାୟକ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ବିଜେଡି ଓ ବିଜେପି ଉପନିର୍ବାଚନରେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ଫସଲବୀମା ନେଇ ଯେଉଁ କୁମ୍ଭୀର କାନ୍ଦଣା ବିଜେଡି ଓ ବିଜେପି କରୁଛନ୍ତି ତାହା ହାସ୍ୟାସ୍ପଦ । କେନ୍ଦ୍ର ଓ ରାଜ୍ୟରେ ଦୁଇ ଦଳ ସରକାରରେ ଥିବା ଓ ଉଭୟଙ୍କର ନୀତି ଓ ନିଷ୍ପତ୍ତି ଗୋଟିଏ ହୋଇଥିବାବେଳେ ଚାଷୀର ସ୍ୱାର୍ଥ କିପରି ବଳିପଡିଲା ତାହା ଆଜି ପ୍ରଶ୍ନବାଚୀ । ପଦ୍ମପୁରକୁ ଜିଲ୍ଲା ଘୋଷଣା କରିବା ଦାବି ବହୁ ପୁରୁଣା ହୋଇଥିଲେ ମଧ୍ୟ ଏବେ ଉପନିର୍ବାଚନ ଆସିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁରବାସୀଙ୍କୁ ଭୂଆଁ ବୁଲାଉଛନ୍ତି । ତେଣୁ ଦଳର ପ୍ରାର୍ଥୀ ସତ୍ୟଭୂଷଣ ସାହୁଙ୍କୁ ଜିତାଇବା ସେ ପଦ୍ମପୁରବାସୀଙ୍କୁ ଅନୁରୋଧ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ, ଗଣେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ପଦମପୁର ଉପନିର୍ବାଚନରେ ବିଜେପି ପାଇଁ ପ୍ରଚାର ମୈଇଦାନରେ ବୈଜୟନ୍ତ ଓ ସମ୍ବିତ

ପଦମପୁର /ଭୁବନେଶ୍ୱର, ୨୬।୧୧(ପି.ଏନ): ପଦମପୁର ଉପନିର୍ବାଚନରେ ଆଜି ବିଜେପି ପାଇଁ ପ୍ରଚାର କରିଛନ୍ତି ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଓ ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର । ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଏବଂ ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଆଜି ଝାରବନ୍ଧର ବିଳାଶପୁରରେ ଏକ ବିଶାଳ ଜନସଭାକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ସ୍ଥାନୀୟ ସାଂସଦ ସୁରେଶ ପୁଜାରୀ ଏବଂ ପ୍ରାର୍ଥୀ ପ୍ରଦୀପ ପୁରୋହିତ ମଧ୍ୟ ଉପସ୍ଥିତ ଥିଲେ ।ନିର୍ବାଚନ ସଭାରେ ବୈଜୟନ୍ତ କହିଥିଲେ ଯେ ପଶ୍ଚିମ ଓଡିଶାର ବିକାଶ ପାଇଁ ରାଜ୍ୟ ସରକାର କିଛି କରିନାହାନ୍ତି । ୨୨ ବର୍ଷ ତଳେ ପଶ୍ଚିମ ଓଡିଶାର ଜଳସେଚନର ଯାହା ସମସ୍ୟା ଥିଲା ତାହା ଆଜି ବି ସେମିତି ରହିଛି । ବରଗଡ-ନୂଆପଡା ରେଳ ପ୍ରକଳ୍ପ ଯେଉଁଥିରେ ପଦମପୁରରେ ରେଳ ଚାଲିପାରିବ ସେହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଜମି ଦେଲେ ନାହିଁ । କେନ୍ଦ୍ର ସରକାର ରେଳ ପ୍ରକଳ୍ପ ପାଇଁ ଅର୍ଥ ଦେବାକୁ ଚାହୁଁଥିବା ବେଳେ ରାଜ୍ୟ ସରକାର ଜମି ନଦେବା କାରଣରୁ ସେହି ପ୍ରକଳ୍ପ ଆରମ୍ଭ ହୋଇପାରିଲା ନାହିଁ। ପଦମପୁରବାସୀଙ୍କ ପ୍ରତି ଏ ରାଜ୍ୟ ସରକାର ବହୁତ ଅନ୍ୟାୟ କରିଛନ୍ତି । ଏବେ ହୋଇଥିବା ଧାମନଗର ଉପନିର୍ବାଚନରେ ବିଜେପିର ବିଜୟ ହୋଇଥିଲା । ବର୍ତ୍ତମାନ ଚାଲିଥିବା ପଦମପୁର ଉପନିର୍ବାଚନରେ ମଧ୍ୟ ବିଜେପିର ବିଜୟ ହେବ । ଧାମନଗରରେ ଯେଉଁ ଭଳି ଭାବରେ ଲୋକମାନେ ପରିବର୍ତ୍ତନ ସପକ୍ଷରେ ଭୋଟ ଦେଇଥିଲେ ପଦମପୁରରେ ବି ସମାନ ଭାବରେ ପରିବର୍ତ୍ତନ ସପକ୍ଷରେ ଭୋଟ ଦେବେ ବୋଲି ବୈଜୟନ୍ତ କହିଛନ୍ତି । ନିର୍ବାଚନ ସଭାରେ ସମ୍ବିତ ପାତ୍ର କହିଛନ୍ତି ଯେ ପଦମପୁରରେ ପାର୍ଥୀ ହୋଇଥିବା ପ୍ରଦିପ ପୁରୋହିତ ଏହି ଅଂଚଳର ସୁରକ୍ଷା, ବିକାଶ ପାଇଁ ବହୁତ କିଛି କରିଛନ୍ତି । ଏହି ଅଂଚଳର ସମସ୍ୟାକୁ ବିଧାନସଭାରେ କେବଳ ପ୍ରଦିପ ପୁରୋହିତ ହିଁ ଉଠାନ୍ତି । ବାକି ବିଜେଡିର ଯେତେ ବିଧାୟକ ହୋଇଛନ୍ତି ସେମାନେ କେବେ ବି ପଦମପୁରର କଥା ଉଠାନ୍ତି ନାହିଁ । ପଦମପୁରର ଚାଷୀଙ୍କ ଫସଲ ବୀମା ପଇସା ଯଦି ମିଳିଛି ତାହା ପ୍ରଦିପ ପୁରୋହିତଙ୍କ ପାଇଁ ମିଳିଛି । ଓଡିଶା ସରକାର ପଦମପୁରବାସୀଙ୍କ ପ୍ରତି ସାବତ ପୁଅ ଭଳି ବ୍ୟବହାର କରୁଛନ୍ତି । ପଦମପୁରର ଲୋକମାନେ ଏଥର ବିଜେଡିକୁ ହରାଇବା ସହ ବିଜେପିକୁ ଜିତାଇବେ ।ଝାରବନ୍ଧର ବିଳାସପୁର ପରେ ସମ୍ବିତ ପାତ୍ର କୁମିରା ଓ ଜଗଦଳପୁରରେ ଆଉ ଦୁଇଟି ବୈଠକ କରିଥିଲେ।

## କେନ୍ଦୁପତ୍ର ଉପରୁ ଜିଏସ୍‌ଟି ପ୍ରତ୍ୟାହାର ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର, ୨୬।୧୧(ପି.ଏନ): କେନ୍ଦୁପତ୍ର ଉପରୁ 'ଜିଏସ୍‌ଟି' ପ୍ରତ୍ୟାହାର କରିନେବା ପାଇଁ ଶୁକ୍ରବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ପତ୍ର ଲେଖିଛନ୍ତି ।ମୁଖ୍ୟମନ୍ତ୍ରୀ ଚିଠିରେ ଲେଖିଛନ୍ତି ଯେ 'ମାଇନର ଫରେଷ୍ଟ ପ୍ରଡକ୍ଟ' (ଏମ୍ଏଫ୍‌ପି) (ଲଘୁ ବନଜାତ ସାମଗ୍ରୀ) କେନ୍ଦୁପତ୍ର ହେଉଛି ଓଡ଼ିଶାର ପ୍ରାୟ ୮ ଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଏବଂ ସାମୟିକ ଶ୍ରମିକମାନଙ୍କର ଆର୍ଥିକ ମେରୁଦଣ୍ଡ। ବିଶେଷତଃ ଆଦିବାସୀ ତଥା ସମାଜର ଦରିଦ୍ରରୁ ଦରିଦ୍ରତମ ସମ୍ପ୍ରଦାୟ କେନ୍ଦୁପତ୍ର ତୋଳି ଚଳନ୍ତି। ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଆଇନ ୨୦୦୬ ଅନୁସାରେ ନିଜସ୍ୱ ଅଧିକାରର ଅଂଶଭାବେ ଆଦିବାସୀ ଜନତା କେନ୍ଦୁପତ୍ର ତୋଳନ୍ତି। ସେମାନଙ୍କର ଏହି ଉତ୍ପାଦ ଯୋଗାଡ଼ କରି ବିକ୍ରି କରିବା ଅଧିକାର ରହିଛି ବୋଲି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ।୧୮% 'ଜିଏସ୍‌ଟି' ଲାଗୁ ହେବା ଯୋଗୁଁ କେନ୍ଦୁପତ୍ର ବ୍ୟବସାୟ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି। କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସାମୟିକ ଶ୍ରମିକମାନଙ୍କ ଜୀବିକାକୁ ପ୍ରଭାବିତ କରୁଛି। ତେଣୁ, କେନ୍ଦୁପତ୍ର ଉପରେ ନିର୍ଭରଶୀଳ ସମ୍ପ୍ରଦାୟଙ୍କ ଜୀବିକା ଓ ଓଡ଼ିଶା ରାଜ୍ୟର ବୃହତର ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଇ କେନ୍ଦୁପତ୍ର ଉପରେ ଲାଗୁ ହୋଇଥିବା 'ଜିଏସ୍‌ଟି' ପ୍ରତ୍ୟାହାର କରିନିଆଯାଉ ବୋଲି ମୁଖ୍ୟମନ୍ତ୍ରୀ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।






# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

# ପୁରାଣ କାହାଣୀ

# ମା’କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ରହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଋମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରିରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।



## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଋଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ ‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଋଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।



## ‘ବବି ଜାସୁସ୍’ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ ‘ବବି ଜାସୁସ୍’। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

## ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧ୍ୟାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧ୍ୟାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧ୍ୟାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧ୍ୟାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧ୍ୟାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଧ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।


**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରିରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ସାହିତ୍ୟ ଦର୍ପଣ



## ବୟସର ଅପରାହ୍ଣରେ ଏକ ସବୁଜ ବିଦାୟ



ଡ଼ଃ ଶଶୀ ଭୂଷଣ ମହାପାତ୍ର

ଟ୍ରେନ ଛାଡିବା ଆରମ୍ଭ କରିଦେଇଥାଏ । ଏସି ବଗି ଭିତରେ ସେମିତି କିଛି ଭିଡ଼ ନଥାଏ । ମଝିରେ ମଝିରେ ଜଣେ ଜଣେ କେହି ଯା ଆସ କରୁଥାନ୍ତି । ସୌଭାଗ୍ୟ ବଶତଃ ପାଖରେ କେହି ସହଯାତ୍ରୀ ନଥାନ୍ତି । ତେଣୁ ଏକଲା ଖବରକାଗଜ ଏବଂ ବହି ପଢିବାରେ କିଛି ଅସୁବିଧା ହେଉନଥାଏ । ପଢ଼ିବା ତାଙ୍କର ଏକ ଅଭ୍ୟାସ । କଲେଜ ଜୀବନରୁ ଏ ଅଭ୍ୟାସ ଏପର୍ଯ୍ୟନ୍ତ ଜାରିରଖିଛନ୍ତି । ଅମିତ ଏଯାବତ ନିଜକୁ ଶିକ୍ଷକ ଅପେକ୍ଷା ଛାତ୍ର ଭାବରେ ନିଜକୁ ବେଶୀ ଅନୁଭବ କରନ୍ତି ।

ବଗି ଭିତରକୁ କେହି ଏକାକୀ ଆସୁଥିଲେ ତ କେହି ଏକତ୍ର ଗୋଷ୍ଠୀ ହୋଇ ଆସୁଥିଲେ । ସମ୍ଭବତଃ ସେତିକିବେଳକୁ ଜଣେ ବୃଦ୍ଧା ତାଙ୍କର ନାତି,ନାତୁଣୀଙ୍କୁ ଧରି ଆସି ଅମିତଙ୍କ ଆଗ ବର୍ଥରେ ନିଜର ସ୍ଥାନ ଗ୍ରହଣ କଲେ । ଗୋଟେ ଦୀର୍ଘଶ୍ୱାସରେ, ବୃଦ୍ଧା ଜଣଙ୍କ ଯେମିତି କ୍ଳାନ୍ତ ଜଣାପଡୁଥାନ୍ତି । ହଠାତ ନାତୁଣୀ ରିମା କହିଲା ଜେଜେମା' ଦେଖ ଜେଜେଙ୍କ ପରି ଜଣେ କେହି ଆମ ଆଗରେ ବସି ଖବର କାଗଜ ପଢୁଛନ୍ତି । ଶ୍ରିମୟୀ ମୁଣ୍ଡ ଟେକି ଚାହିଁଲେ ,ପିଲା ଦୁହିଁଙ୍କୁ ଆକଟ କରି ତାଙ୍କୁ ଡିଷ୍ଟର୍ବ ନକରିବାକୁ କହିଲେ । ହଠାତ୍ ଶ୍ରିମୟୀ ଚମକି ପଡିଲେ । ମୁହୂର୍ତ୍ତକ ମଧ୍ୟରେ ସେ ଯେମିତି ଚମତ୍କାର ଅନୁଭବ କରୁଛନ୍ତି । ସତେ ଯେମିତି କୋଇଲିର କୁହୁତାନକୁ ନିକଟରୁ ଶୁଣୁଛନ୍ତି । ଏଭଳି ଏକ ଅମୁଲ୍ୟ ସୁଯୋଗ ଯେ ଆସିବ ସେ କେବେ ବି ଭାବିପାରି ନଥିଲେ । ଆଖିରେ ପାଣି ଆସିଗଲା । ହୃଦୟ ଉଲ୍ଲସିତ ହେବାରେ ଲାଗିଲା । ଚାରିଆଡ଼ ଯେମିତି ସ୍ୟାମାଳିମାରେ ଭରିଗଲା । ଦେହ ,ମନ ଯେମିତି ସତେଜ ଜୀବନମୟତାରେ ଉଚ୍ଛଳିତ ହୋଇ ଉଠିଲା । ଆଃ କି ସମୟ ! ଆଃ କି ଆନ୍ଦୋଳିତ ଅନୁଭବ ! ଏ ତେବେ ଅମିତ୍, ଏଠାରେ ବସିଛନ୍ତି । ସେ ତାଙ୍କର ଅତି ଆପଣାର ବନ୍ଧୁ ,ବନ୍ଧୁ ନୁହେଁତ ହୃଦୟର ନିକଟ ତମ ବ୍ୟକ୍ତି । ସେ ବ୍ୟକ୍ତି ନୁହନ୍ତି ଜଣେ ସୌଭାଗ୍ୟବନ୍ତ ,ମର୍ଯ୍ୟାଦାବନ୍ତ ପୁରୁଷ । ସମସ୍ତଙ୍କର ଇପ୍ସିତ ମନର ମଣିଷଟିଏ । ଏବେ କିନ୍ତୁ ସେ କାହାର ମଣିଷ ? କାହିଁ ଆଉ କେହି ତାଙ୍କ ପାଖରେ ନାହାନ୍ତିତ ? ହୁଏତ ଏକଲା ଯାତ୍ରାକରୁଥିବେ ? କ'ଣ କହିବେ ? କେମିତି ସମ୍ବୋଧନ କରିବେ ? କେମିତି ଶୁଭେଚ୍ଛା ଜଣାଇବେ ? ଦୁହେଁ ବୃଦ୍ଧା ଏବଂ ବୃଦ୍ଧ, ବୟସର ଅପରାହଣରେ ପହଞ୍ଚିଛନ୍ତି ।ସଂବୋଧନର ତରିକା କ'ଣ ହୋଇପାରେ । ନା- ଏବେ ସେ କିଛି କହିବେ ନାହିଁ । ନୀରବରେ ତାଙ୍କୁ ଟିକେ ଭଲକରି ଦେଖିବେ । ଆହୁରି ଭଲକରି ତାଙ୍କୁ ପଢିବେ । ସେ ସେମିତି ଅଛନ୍ତି ନା ବଦଳିଛନ୍ତି ତା' ତ ଅନ୍ତତଃ ଜାଣିବେ । ଏମିତି କ'ଣ ପଢି ହୁଏ ? ସେ ଭଲଭାବରେ ତାଙ୍କୁ ପ?ିଛନ୍ତି । ସେ ଏକା କାହିଁକି ଅନ୍ୟମାନେ ବି ତାଙ୍କୁ ଭଲକରି ପ?ିଛନ୍ତି । ଯେତେ ପଢିଲେବି ସେ ନୂଆ ନୂଆ ଲାଗନ୍ତି । ସବୁ ଗୁଣରେ ସେ ଭରପୁର ଥିଲେ । ତେଣୁ ବିଶ୍ୱବିଦ୍ୟାଳୟରେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା । ଆମ ଭଳି ଝିଅ ମାନଙ୍କର ସେ ଯେମିତି ମନର ମଣିଷ ଥିଲେ । ସେ ଏବେ ବି ସେମିତି । ସେମିତି ନିଶ୍ଚଳ, ସେମିତି ବି ଗମ୍ଭୀର । ସେହି ମୁହଁ ,ସେହି ନାକ,ସେହି ଆଖି,ସେହି ଠାଣି, ସବୁ ସେମିତି ଅଛି । ଏବେ ବି ଆଖି ଲାଖି ରହୁଛି । ଏ ସମୟ ନୁହେଁ ଏ ସବୁକୁ ଭାବିବାକୁ ।ସେ ଏବେ ଦି ଦିଟା ନାତି ନାତୁଣୀଙ୍କର ଜେଜେମା'। କ'ଣ ହେଲା ସେଇଠୁ ସେ ତ ତାଙ୍କର ଇପ୍ସିତ ଥିଲେ । ଦୁହେଁ ତ ବିଶ୍ୱବିଦ୍ୟାଳୟର ଚର୍ଚ୍ଚିତ ପ୍ରେମିକା ପ୍ରେମିକ ଥିଲେ । ଏବେ ବି ତ ସେହି ପ୍ରେମ ଅଛି । ନଥିଲେ କ'ଣ ହୃଦୟ ଏତେ ଆନ୍ଦୋଳିତ ହେଉଥାନ୍ତା । ଦେହ ଏତେ ପୁଲକିତ ହେଉଥାନ୍ତା । ପ୍ରେମ ତ ଆମକୁ ନୂଆ ଜୀବନର ଜିଇଁବା ଶିଖାଇଥିଲା । ପ୍ରେମରେ ପଡିଲେ ମଣିଷ ଏମିତି ବଦଳିଯାଏ । ନମନୀୟ ହୋଇଯାଏ । ଏମିତିକି ସବୁ ଆପଣାର ଆପଣାର ଲାଗେ । ସେହି ପ୍ରେମରେ ତ ସେ ଆଜି ଏତେ ଆଗକୁ ଚାଲିପାରିଛନ୍ତି । ସୁନ୍ଦର ପରିବାରଟିଏ ଗଢ଼ିଛନ୍ତି । ଜଣେ ଆଦର୍ଶ ଅଧକ୍ଷ ହୋଇପାରିଛନ୍ତି । ଏ ସବୁ କେବଳ ଅମିତ୍ ଙ୍କ ନିଷ୍ପାପ ପ୍ରେମ ପାଇଁ । ସେଥିପାଇଁ ସେ ତାଙ୍କ ନିକଟରେ ଋଣୀ । ପ୍ରେମ ଏକ ନିଆଁ ଏବେ ବି ହୃଦୟକୁ ଜାଳୁଚି । ଏବେ ବି ସଠିକ ରାସ୍ତା ଦେଖାଉଛି । ପ୍ରେମରେ ଦେହଲାବଣ୍ୟର ଆସକ୍ତି ନଥିଲା । ମନ ଆଉ ଆତ୍ମାର ଏକ ନିଆରା ସମ୍ପର୍କ ଥିଲା । ସେଥି ପାଇଁ ଆମେ ସମସ୍ତଙ୍କ ନିକଟରେ ଆଦର୍ଶ ଥିଲୁ । ଏବେ ବି ପ୍ରେମର ସେ ପୁଜାରିଣୀ । ହୃଦୟରେ ସେ ଏବେ ବି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ମନ ଗହନର ଦେବତାଟିଏ,ମର୍ଯ୍ୟାଦାବନ୍ତ ପୁରୁଷଟିଏ । ଏବେ ପୁଣି ସେ ସମୟ ଆସିଛି,ମନ ପଲ୍ଲବିତ ହେଉଛି । ବୟସର ଏ ଅପରାହ୍ଣରେ ସବୁଜିମା ଭରୁଛି ।ବୟସର ଗ୍ରୀଷ୍ମ ପ୍ରବାହରେ ଏବେ ପୁଣି ବସନ୍ତ ଆସିଛି ।ଶ୍ରୀମୟୀ ନିଜକୁ ପ୍ରକୃତିସ୍ଥ କରିନେଲେ । ନାତି ନନାତୁଣୀଙ୍କ କମିକ୍ସ ବହି ଧରାଇଦେଇ ପଢିବାକୁ କହିଲେ । ସେମାନେ ଆନନ୍ଦରେ ପଢିବାକୁ ଲାଗିଲେ ।ସେ ଉଲ୍ଲସିତ ମନରେ ପଚାରିବାକୁ ଆରମ୍ଭ କଲେ-

ସହଜ ଭାବରେ ପଚାରିଲେ-

---ଏଇ ଯେ ଅମିତ୍ ,କେମିତି ଅଛନ୍ତି ?

ହଠାତ ଅପ୍ରସ୍ତୁତ ହୋଇ ଅମିତ୍ ଟିକେ ଭାବିନେଲେ କିଏ ଏଠି ତାଙ୍କ ନାମ ଏତେ ଶ୍ରଦ୍ଧାରେ ଉଚ୍ଚାରଣ କରିବ । ସେ ଉଚ୍ଚାରଣ କିନ୍ତୁ ସତରେ ତାଙ୍କ ହୃଦୟକୁ ଛୁଇଁଯାଉଥିଲା । ଏତେ ପାଖରେ, ଏତେ ପାଖର ମଣିଷ ସତେ କ'ଣ ତାଙ୍କୁ ସମ୍ବୋଧନ କରୁଛନ୍ତି । ହୁଏତ ଭ୍ରମ । ହୁଏତ ଜୀବନ ଯାତ୍ରାରେ ସେଦିନମାନଙ୍କର ସମ୍ଭାଷଣ ପ୍ରତିଧ୍ୱନିତ ହେଉଛି କିମ୍ବା ଏବେ ଏବେ ପଢୁଥିବା ରୋଡ଼ ଲେସ ଟ୍ରାଭେଲ୍ ର ବହିର ପ୍ରଭାବ ହୋଇଥିବ । ଏ ବୟସରେ ପୁଣି ହୃଦୟର ସ୍ପନ୍ଦନ । ମନର ଆନ୍ଦୋଳନ । ନା ଏ ସବୁ ବିଗତ ପ୍ରତିଧ୍ୱନିର ପ୍ରତିଫଳନ । ଏତେ ନଭାବି ପୁଣି ଖବର କାଗଜ ପଢିବାରେ ନିମଗ୍ନ ରହିଲେ ।

- ହେଲୋ ଅମିତ୍, ଅମିତ୍ ମହାପାତ୍ର । ଖବର କାଗଜ ଆଡେଇ ଦେଖ ! କିଏ ଏଠି ତୁମ ଆଗରେ ବସିଛି । ଦେଖ କିଏ ମୁଁ ? ମୁଁ ମିଷ୍ଟ୍ରେସ ....ନାମ ..ମୁଁ ଶ୍ରିମୟୀ ।

ଶ୍ରୀମୟୀ ଏଇଟା ସେଇ ଉଚ୍ଚାରଣ । ସେଇ ଆପଣାପଣର ସମ୍ବୋଧନ । ମୁଣ୍ଡ ଟେକି ଅନାଇଲେ ଅମିତ୍ । ଓଃ ! ଯାହା ସେ ଭାବୁଥିଲେ ତାହା ତେବେ ଠିକ୍ ।ଏ ତେବେ ତାଙ୍କ ଆପଣାର ପ୍ରେୟସୀ ଶ୍ରୀମୟୀ ତାଙ୍କ ଆଖି ଆଗରେ । ସାରା ବର୍ଥଟି ତାଙ୍କୁ ଶ୍ରିମୟ ଲାଗିଲା । ସେଇ ସୁନ୍ଦରୀ ତନୁଶ୍ରୀ ଶ୍ରୀମୟୀ ଆଜି ତାଙ୍କ ନିକଟରେ । ଆଖି ଆଗରେ ସାକ୍ଷାତ ସୌଭାଗ୍ୟର ଦେବୀ,ସୌନ୍ଦର୍ଯ୍ୟର ମୂର୍ତ୍ତୀମତୀ ଦେବୀ ଶ୍ରୀମୟୀ । ବିସ୍ମୟାନନ୍ଦରେ ସେ ରୋମାଂଚିତ ହୋଇଗଲେ । ଏବେ ଯେମିତି ତାଙ୍କ ଶରୀର ଓ ମନ ଶୂନ୍ୟ ଭିତରୁ ବାହାରି ଆସୁଛି । ମୁହୂର୍ତ୍ତକ ମଧ୍ୟରେ ସେ ଯେମିତି ଏକ ବନ ଭୂମିରେ ଅବତୀର୍ଣ୍ଣ । କିଛି ସମୟ ନିରବ ନିରୀକ୍ଷଣ,ଶବ୍ଦହୀନ କଥୋପକଥନ । ଦୁହିଁଙ୍କର ମନେହେଉଥାଏ ଯେମିତି ଶବ୍ଦ ସବୁ ହୃଦୟର ଗଭୀର ପ୍ରଦେଶର ସ୍ମୃତିମାନଙ୍କୁ ମନ୍ଥନ କରିବାରେ ଲାଗିଛନ୍ତି । ଆଖି ଭିତରେ ଗୋଟିଏ ଗୋଟିଏ ଦୃଶ୍ୟ ସିନେମା ଦେଖିଲା ଭଳି ଗୋଟାଏ ପରେ ଗୋଟାଏ ଝଲସି ଯାଉଛନ୍ତି । ଦୁହିଁଙ୍କର ସ୍ମିତ ଆଖିର ଚାହାଁଣୀରେ ସ୍ମୃତିର ପାଖୁଡା ଗୁଡିକ ଗୋଟି ଗୋଟି ହୋଇ ମୁକୁଳିତ ହେବାରେ ଲାଗିଛି । ତତକ୍ଷଣାତ ଦୁହେଁ ଦୁହିଁଙ୍କର ଉପସ୍ଥିତି ଜାଣିନେଲେ । ବହୁ ବର୍ଷ ପରେ ପ୍ରିୟତମ ଏବଂ ପ୍ରିୟତମା ଏକାଠି ଦୁହେଁ ଦୁହିଁଙ୍କ ସାମ୍ନାରେ । ଦିଜଣଯାକ ସହଜ ହୋଇଗଲେ । ଅମିତ ଉତର ଦେଲେ ତୁମେ ଶ୍ରୀମୟୀ ନା, ଏତେ ଦିନ କେଉଁଠି ଥିଲ? ନା କିଛି ଖବର ନା କିଛି ଉତ୍ତର । ତୁମେ ତ ଠିକ୍ ସେମିତି ଅଛ । କିଛି ବି ବଦଳି ନାହଁ । ଯେମିତି ସେମିତି, ଯାହା ଖାଲି ଟିକେ ମୋଟାପଣ ବାରିହେଉଛି । ମୁଁ ଭଲ ଅଛି । ତୁମେ କେମିତି ଅଛ ? ଏମିତି ହଠାତ୍ ଦେଖାହେବ ବିଶ୍ୱାସ କରିହେଉନାହିଁ । ଅଭିମାନ ଭରା ଉତ୍ତରରେ ଶ୍ରୀମୟୀ କହିଲେ – ହଁ ମୁଁ ବି ଭଲ ଅଛି । ତୁମେ କିନ୍ତୁ ଟିକେ ଦୁର୍ବଳ ହୋଇଯାଇଛ । ଦେହର ଯତ୍ନ ଠିକ୍ ସେ ନେଉ ନାହଁ ବୋଧେ । ଠିକ୍ ସମୟରେ ଖିଆ ପିଆ କରୁନା କି ? ମୁଁ ଜାଣିଛି ତୁମେ କେବେ କାହାର କଥା ଶୁଣୁନଥିବ । ଆଚ୍ଛା ହିଲ ରାତିରେ କେତେ ଯାଏଁ ଅନିଦ୍ରା ରହୁଛ । କେତେ ସମୟ ଧରି ପାଠ ପଢୁଛ ? ଆଖିର ଯତ୍ନ ନେଉଛ ନା ନାହିଁ । କେମିତି ଯେ ଠିକରେ ଜୀବନ ବିତାଉଥିବ ବୁଝିପାରୁନାହିଁ ।

ଛାଡ଼ ସେ କଥା । ମୁଁ ସେମିତି ଚଳି ଯାଉଛି । ତୁମ କଥା କୁହ । ତୁମେ ଏତେ ଦିନ ଥିଲ କେଉଁଠି ? ଏମାନେ ଦୁହେଁ ତୁମର କ'ଣ ହେବେ ।

ଶ୍ରୀମୟୀ କହିଲେ-ତୁମେ କେତେ ବୋକା ବୁଝିପାରୁନ କି ସେମାନେ ମୋର ନାତି ,ନାତୁଣୀ ହେବେ । ମୁଁ ତାଙ୍କୁ ମୋ ପାଖକୁ ନେବା ପାଇଁ ଆସିଥିଲି । ମୁଁ ଏବେ ଗୋଟେ ସ୍କୁଲରେ ଅଧକ୍ଷ ହୋଇ ରହିଛି । ତୁମେ ତ ଅପହଞ୍ଚ ହୋଇଗଲ ,ମୁଁ କିନ୍ତୁ ସଂସାର ଗଢି ନେଲି । ଠିକ୍ କରିଛ ତମେ । ମୁଁ ମୋର ପ୍ରତିଶ୍ରୁତି ରଖିପାରିଲିନି । ମୋତେ ତୁମେ ଭୁଲ ବୁଝିବ ନାହିଁ । ମୁଁ ଜାଣିଛି ତୁମେ ମୋତେ ବୁଝିପାରୁଥିବ । ତୁମର ଶକ୍ତି ଅଛି ସବୁ କିଛି ସହି ଯିବାକୁ । ତୁମର ନୈତିକ ସମର୍ଥନ ସବୁବେଳେ ପାଇଛି । ପୁରାପୁରି ଭାବେ କହିଲେ ମୋତେ ତୁମେ ଠିକସେ ଗଢ଼ିଛ । ତୁମ ପାଇଁ ମୁଁ ବିଶ୍ୱବିଦ୍ୟାଳୟରେ ସବୁଥିରେ ସଫଳତା ପାଇଛି । କହି ପାରିବ ଶ୍ରୀମୟୀ ଆମେ କେବେ କାହାକୁ ଅସମ୍ମାନ କରିଛେ ? ଯେତେଦିନ ତୁମ ସହ ଥିଲି ସେତେଦିନ ତୁମର ସାନିଧ ପାଉଥିଲି । ଆକାଶ ଛୁଇଁଲାପରି ମୋତେ ପ୍ରତୟ ହେଉଥିଲା । ଛାଡ଼ ସେ ସବୁ । ଏବେତ ତୁମେ ସେହିଭଳି ଚଳଚଂଚଳ ଲାଗୁଛ । - ସେଇତକ ତ ମୁଁ ତୁମଠାରୁ ଶିଖିଛି । ତୁମର ଜୀବନ ଧାରାକୁ ଆପଣେଇନେଇଛି । ତୁମେ ପାଖରେ ନାହଁ ବୋଲି କେବେ ବି ଭାବିନି । ଜାଣିଛି ତୁମେ ମୋ ପାଇଁ କ'ଣ । ଭଲ ପାଇବାର ଗାରିମାକୁ ଏବେ ବି ବଜାଇ ରଖିଛି । ଟିକେ ହେଲେ କ୍ଷୋଭ ନାହିଁ । ମୁଁ ମାନି ନେଇଛି ତୁମେ ମୋର ଜୀବନ ବର୍ତ୍ତିକା । ଜୀବନରେ ସୁଖ ହିଁ ଲକ୍ଷ ହୋଇଥାଏ, ସେ ସୁଖ ତୁମଠାରୁ ଆଦୃଶ୍ୟରେ ଆସୁଥାଏ । ମୁଁ ଇଂରାଜୀ ପଢାଇବାବେଳେ ତୁମର ଇଂରାଜୀ କହିବାର ଶୈଳୀକୁ ଆପଣାଇ ନିଏ । ଅଧକ୍ଷ ଭାବେ ଯେବେ କିଛି ଭାଷଣ ଦିଏ ସେତେବେଳେ ତୁମର ଭାଷଣକୁ ଅବିକଳ ଥୋଇଦିଏ । ସମସ୍ତେ ଭାରି ପ୍ରଶଂସା କରନ୍ତି । ସତରେ ସେ ଭାଷଣ ଯେ ତୁମର ସେମାନେ କାହୁଁ ଜାଣିବେ । ସବୁଠୁ ମଜା କଥା ଯେ ମୋ ସ୍ୱାମୀ ତୁମ ଭଳି ଭାରି ବେପରୁଆ ।ସବୁଥିରେ କିନ୍ତୁ ତୁମ ଭଳି ମାର୍ଜିତ । ବିଚାରଧାରା ବି ସମ୍ଭ୍ରାନ୍ତ ,ଯେମିତି ତୁମେ । ତୁମ କଥା ବେଳେ ବେଳେ ମୁଁ ତାଙ୍କୁ କୁହେ । ସେ ଶୁଣନ୍ତି ଏବଂ ବନ୍ଧୁତା ପାଇଁ ମୋତେ ବଧେଇ ବି ଦିଅନ୍ତି । ତୁମର ଜୀବନ ଆଦର୍ଶକୁ ପ୍ରାଣ ପଣେ ଅନୁଧାବନ କରେ । ବିବାହ ଯାହା ଖାଲି ସଂସ୍କାର ଥିଲା । ଆପଣାର ସଂସାରରେ ସ୍ୱାମୀ ,ଝିଅ ,ପୁଅ ,ନାତି,ନାତୁଣୀ କାହାକୁ କେବେ ହେଳା କରିନି । ମନ ମୋର ଫୁଲପରି ପ୍ରସ୍ଫୁଟିତ ଆଉ ସୁନ୍ଦର । ତୁମ କଥା ମନେ ପଡେ ,ମନକୁ ବେଳେ ବେଳେ ଘାରେ । ବେଳେ ବେଳେ ଭାବେ କିଏ ତୁମର କଥା ବୁଝୁଥିବ ।କିଏ ତୁମର ଯତ୍ନ ନେଉଥିବ ।ଆଚ୍ଛା କହିଲା ଦେଖି ତୁମେ ଆଉ ଗପ ଲେଖୁଛ ନା ନାହିଁ । ତୁମ କବିତାକୁ ତ ମୁଁ ପ୍ରଥମେ ପଢେ ,ତାପରେ ସମସ୍ତଙ୍କୁ ପଢ଼ି ଶୁଣାଏ । ପଲ୍ଲବୀ ମୋ ଚିବୁକ କୁ ଟାଣି ଧରି ମୋତେ କେତେ କଥା କହେ । ଭାରି ଫୁଲେଇ ହୋଇ କହେ-ଶ୍ରୀମୟୀ ତୁ ତ ନିଜେ ଗୋଟେ କବିତା ,ତୋତେ ସେ ଭଲକରି ପ?ିଛନ୍ତି ନା ମୁଁ ପଢ଼ିଦେବି । କଥା ଏତିକିରେ ରହିଯାଏ ।ମୁଁ କିନ୍ତୁ ତୁମକୁ ବେଶୀ ବେଶୀ ଭଲ ପାଏ । ସେ ଭଲ ପାଇବାରେ ଟିକେ ହେଲେ ଆବିଳତା ନଥାଏ । ଶ୍ରୀମୟୀ ଭାବପ୍ରବଣ ହୋଇପଡୁଥାନ୍ତି । ନିଜକୁ ପ୍ରକୃତିସ୍ଥ କରି ରହିଗଲେ । ତାପରେ ପଚାରିଲେ- ଅମିତ୍ ତୁମ କଥା କୁହ ।

ମୋ କଥା କ'ଣ କିଛି ଥାଏ । ତୁମ କଥା ହିଁ ମୋ କଥା ।ମୁଁ କିଛି ବର୍ଷ ଲଣ୍ଡନରେ ରହି ଫେରି ଆସିଲି ।ଘର ବୋଲି କିଛି ନଥିଲା । ଘର ବି ବସାଇଲି ନାହିଁ । ଏକଲା ରହିଗଲି । ତୁମ ସ୍ମୃତି ସବୁ ଛାତିରେ ଜାବୁଡ଼ି ଧରି ବଂଚିବା ଶିଖିଗଲି । ଏକଲା ଅଛି ବୋଲି କେବେ ଅନୁଭବକୁ ଆଣିଲି ନାହିଁ । ପ୍ରତିଟି ସଭାରେ ତ ତୁମେ ହିଁ ରହିଥିଲ । ବିଶ୍ୱବିଦ୍ୟାଳୟରେ ପ୍ରଫେସର୍ ହୋଇ ଅବସର ନେଇଛି । ତୁମେ ମୋ ଜୀବନରେ ପ୍ରେରଣାଦାୟୀ ଅଦୃଶ୍ୟ ନାୟିକା ହୋଇ ରହିଗଲ । କ୍ୟାମ୍ପସ ଭିତରେ ଚାଲିଲା ବେଳେ ତୁମ କଥା ମାନେ ପଡ଼ ? । କୃଷ୍ଣଚୂଡ଼ା ଗଛ ମୂଳେ ମୁଁ ଅଟକି ଯାଏ । ଅପେକ୍ଷା କରେ ଯେମିତି ମୁଁ ତୁମକୁ ଅପେକ୍ଷା କରେ । ଆଖିରେ ଲୁହ ଜକେଇ ଆସେ । ଲୁହ ତ ମୁକ୍ତା ନୁହେଁ ତାକୁ ନିଗାଡି ଦିଏ । କୃଷ୍ଣଚୂଡ଼ାର ଫୁଲଝଡାରେ ପ୍ରକୃତିସ୍ଥ ହୋଇଯାଏ । ଫେରି ଆସେ ଚା' ଦୋକାନକୁ ।ସିଗାରେଟ ଟାଣେ ,ତୁମ କଥା ମନେ ପଡ଼ିଯାଏ ସିଗାରେଟକୁ ଜୋତାତଳେ ମକଚି ଦିଏ ।

ତୁମକୁ ନେଇ ଉପନ୍ୟାସଟିଏ ଲେଖିଛି । ତୁମେ ନାୟିକା ହୋଇ ମା' ପରି ନାୟକକୁ ଗଢ଼ିଛ । ପ୍ରେମୀକା ହୋଇ ତା' ଆଖିରେ ସ୍ୱପ୍ନ ଭରିଛ । ଏହା ଏକ ପ୍ରକାର କ୍ଲାସିକ ଉପନ୍ୟାସ । ତୁମେ ଖୁସି ହେବ ଉପନ୍ୟାସର ନାଁ ଶ୍ରୀମୟୀ ରହିଛି ।ଏବେ ମୁ ଏକ ଆଶ୍ରମ ସହ ଅନୁବନ୍ଧିତ ହୋଇଛି । ସେଠି ଅବୈତନିକ ଭାବେ ବୃଦ୍ଧ ଏବଂ ବୃଦ୍ଧାଙ୍କ ସେବାରେ ନିୟୋଜିତ ହୋଇଛି । ବାର୍ଦ୍ଧକ୍ୟରେ ବି ଜୀବନ ଏତେ ଆନନ୍ଦମୟ ସେଠି ମୁଁ ଅନୁଭବ କରୁଛି । ସେଠିରହି ସ୍ୱପ୍ନ ଦେଖି ହେବ । ମୁକ୍ତିର ସ୍ୱପ୍ନ ,ବୋଧିପ୍ରାପ୍ତର ଅଭିଳାଷ ଏବଂ ନିର୍ବାଣର ଲକ୍ଷ ରଖିହେବ। ଦୁଃଖର ନିଦାନ,ତାର ନିରାକରଣ ଭିତରେ ସତ୍ୟର ପ୍ରକାଶ ବି ଅନୁଭବ କରିହେବ । ତୁମେ କେବେ ଆସିଲେ ମୁଁ ତୁମକୁ ନେଇଯିବି ସେଠାକୁ। ପ୍ରେମର ଆଉ ଗୋଟେ ଅନୁଭବ ସେଠି ତୁମକୁ ଜଣାଇବି । ଯାହା ପ୍ରକାଶ କରିହେବ ନାହିଁ ତାହାକୁ କେବଳ ଅନୁଭବରେ ଜାଣିହେବ ।

ଆଃ ଅମିତ୍ , କି ଅମୃତ ଭାବ! କି ଆନନ୍ଦମୟ ତୁମର କଥା ।ସେଇ ଚିନ୍ତାଧାରା ଏବେ ବି ତୁମ ପାଖରେ ରହିଛି ।ଆଜି ମୋତେ ଏ ସବୁ ନୂଆ ଜ୍ଞାନ ଦେଉଛି । ତୁମର ପ୍ରତିଟି ଶବ୍ଦ ମୋ ହୃଦୟକୁ ଉଦ୍‌ବେଳିତ କରୁଛି ।ଏ ସବୁକୁ ମୋର ମୃତ୍ୟୁ ପର୍ଯ୍ୟନ୍ତ ସାଇତି ରଖିବି ମୋତେ ତୁମେ ସେଠିକି ନେଇଯିବ । ମୁଁ ଭାଗ୍ୟବତୀ ମଣିବି । ଆଜି ବି ତୁମେ ଶୁଦ୍ଧ ଜୀବନ ଜାପାନ କରୁଛ । ତୁମର ଆଚରଣରେ ସେଇ ସମ୍ଭ୍ରମ ଭାବ ବାରି ହୋଇ ପଡୁଛି । ତୁମକୁ ମୋର ବାରମ୍ବାର ପ୍ରଣାମ ।

ଏବେ ତୁମର ଗନ୍ତବ୍ୟ ପଥ କେଉଁଠିକି ?କେଉଁଠି ତୁମେ ଅବଶିଷ୍ଟ ଜୀବନ ବିତାଇବ ?

ଉତ୍ତର ଦେଲେ ଅମିତ-ମୋ ଜନ୍ମ ସହରକୁ ଚାଲିଯିବି । ସେଇଠି ଅବଶିଷ୍ଟ ଜୀବନ କାଟିଦେବି ।ସେଠି ମୋତେ ସମସ୍ତେ ଅପେକ୍ଷାରେ ରହିଛନ୍ତି । ସେମାନଙ୍କୁ ମୋର ଆବଶ୍ୟକତା ଅଛି । ତୁମେ ପାରିବ ଅମିତ୍ । ସେମାନଙ୍କର ଆବଶ୍ୟକତା ପୂରଣ କରିପାରିବ ।ସମସ୍ତଙ୍କ ହୃଦୟକୁ ତୁମେ ଜୟ କରିପାରିବ । ତୁମ ଭଳି ଲୋକ ଅନ୍ୟର ପଥ ପଦର୍ଶକ ହୋଇପାରନ୍ତି । ତୁମେ କେବଳ ମୋ ହୃଦୟର ସମ୍ରାଟ ନୁହେଁ ଅନେକ ହୃଦୟର ଏକମାତ୍ର ସମ୍ରାଟ । ତୁମର ଯାତ୍ରା ସଫଳ ହେଉ । ତୁମ ଆଲୋକରେ ସମାଜ ଆଲୋକିତ ହେଉ । ହଁ ତୁମକୁ ଭୁଲିଯାଇଛି କହିବାକୁ,ମୋ ଝିଅ ତୁମ ସହରର ଶ୍ରୀରାମ କଲେଜରେ ଅଧ୍ୟାପିକା ଭାବେ ଯୋଗ ଦେଇଛି । ତୁମକୁ ସେ ଦେଖି ନାହିଁ କିନ୍ତୁ ତୁମ ବିଷୟରେ ସବୁ ଜାଣିଛି । ତାକୁ କହିବି ତୁମକୁ ତା' ପାଖକୁ ନେଇ ଯିବାକୁ । ସେ ତୁମର ଯତ୍ନ ନେବ । ଝିଅଟିଏ ପରି ସେ ତୁମଠୁ ଶିକ୍ଷା ପାଇବ ।

ଶ୍ରୀମୟୀ ଏବଂ ଅମିତ ଦୁହେଁ ଦୁହିଁଙ୍କ କଥା ଶୁଣୁଥିଲେ ।ପ୍ରତେକ ଅନ୍ୟପ୍ରତି କେତେ ସମ୍ବେଦନଶୀଳ, ନାତି ନାତୁଣୀ ଦୁଇଜଣ ସବୁ ଦେଖୁଥିଲେ ।ଏ ବି ଏକ ସମ୍ପର୍କ ! ଏ ବି ଗୋଟିଏ ପ୍ରେମର ପରିପ୍ରକାଶ । ବୟସର ଏ ଗ୍ରୀଷ୍ମ ପ୍ରବାହରେ ପୁଣି ସବୁଜିମା ଯେମିତି କିଏ ଭରିଦେଉଛି ।ସତେ ଯେମିତି ବସନ୍ତର ଆଗମନରେ ସେମାନେ ସମ୍ବର୍ଦ୍ଧିତ ହେଉଛନ୍ତି । ଦୁହିଁଙ୍କ ଆଖିରେ ଏକ ବିସ୍ମୟ ଭାବ ଲକ୍ଷ କରିହେଉଛି । ବିସ୍ମୟର କାରଣ ସେମାନଙ୍କୁ କେବଳ ଜଣା । ଅତୀତର ସୁଖସ୍ମୃତି ଭିତରେ ନୂଆ ଏକ ସକାଳର ସୂର୍ଯ୍ୟ ଉଦୟ ଦେଖୁଛନ୍ତି । ଏହି ଆଶା,ଭରଷା ଏବଂ ପ୍ରେମରେ ତ ଜୀବନ ଏତେ ବାଟ ଆଗେଇ ଆସିଛି ,ଆଉ ଯାହା କିଛି ବାକି ଅଛି ତାହା ଅତିବାହିତ ହୋଇଯିବ । ଆଜିର ଅନୁଭବ ତାଙ୍କୁ ବାଟ କଢେଇ ନେବ। ନୟନପଟଳରେ ସବୁ ଜଳ ଜଳ ହୋଇ ଝଲସି ଯାଉଛି । ତା' ଭିତରେ ଲୁହ ବି ଜକେଇ ଆସୁଛି ।

ଆଉ ଟିକେ ପରେ ଶ୍ରୀମୟୀଙ୍କ ଷ୍ଟେସନ ଆସିଯିବ । ସେ ଓହ୍ଲାଇପଡିବେ ସେଠି । ଅଗତ୍ୟା ସେ ନିଜକୁ ପ୍ରସ୍ତୁତ କରିନେଲେ । ପୁଣି ବିଦାୟ । ଏକ ସୁଖଦ ବିଦାୟ । ବୟସର ଅପରାହ୍ଣରେ ଆଉ ଏକ ବିଦାୟର ମୁହୂର୍ତ୍ତ ।

ହଠାତ୍ ଶ୍ରୀମୟୀ ଦେଖିଲେ ଅମିତଙ୍କ ଆଖିରେ ଲୁହ । ପଚାରିଲେ ତୁମେ କଣ କାନ୍ଦୁଛ ?

ନା..ନା ସେ କିଛି ନୁହେଁ । ସ୍ମୃତିର ମାଡ଼ରେ ଏମିତି ଆଖି ଜକେଇ ଆସିଲା। ଶ୍ରିମୟୀ ଉଠିପଡ଼ିଲେ । ଅମିତଙ୍କ ପାଖକୁ ଆସି ତାଙ୍କର ଚଷମା କା?ିନେଇ ନିଜର କାନିରେ ଆଖିତଳ ପୋଛିଦେଲେ ।ସମୟ ଯେମିତି ଅଟକିଗଲା,ଅଟକିଯାଇ ପୁଣି ପଛକୁ ଫେରିଗଲା । ସମୟ ତାଙ୍କୁ ସଲାମ ଦେଲା । ଗୋଟାଏ ସାକ୍ଷାତରେ ଏତେ ଯେ ମଧୁର ଯନ୍ତ୍ରଣା ତାହା ଅବର୍ଣ୍ଣନୀୟ ।ଦୁହିଁଙ୍କର ପ୍ରାଣ ଯେମିତି ଏକାଠି ସ୍ପନ୍ଦିତ ହେଉଥିଲା ।

ପାଖେଇ ଆସିଲା ଷ୍ଟେସନ ,ଶ୍ରିମୟୀ କିନ୍ତୁ ପ୍ରଗଳ୍ଭ ହୋଇ କହିଚାଲିଥାନ୍ତି-ଅମିତ ତୁମେ ନିଜକୁ କେବେ ଏକଲା ଅନୁଭବ କରିବ ନାହିଁ । ମୁଁ ତ ଅଛି । ତୁମର ଶ୍ରିମୟୀ ଏବେ ବି ତୁମର । ତୁମେ ଠିକ ସମୟରେ ବିଶ୍ରାମ ନେବ । ନିଜକୁ ଜଗି ରଖି ଚଳୁଥିବ। ।ଦେହ ର ଯତ୍ନ ନେଉଥିବ । ମନର ବାଦଶାହା ତ ତମେ, ତାକୁ ନିୟନ୍ତ୍ରଣରେ ରଖୁଥିବ । ତୁମେ ତ ନିର୍ମଳ,ମୋ ପାଇଁ ଜାଗା ଟିକେ ରଖିଥିବ । ବାସ, ମୋର ଆଉ କିଛି ଲୋଡ଼ା ନାହିଁ ।ଏଇ ଟ୍ରେନ ରହିଲାଣି । ତୁମକୁ ମୋର ପ୍ରଣାମ । ବିଦାୟ ମାଗୁନି ଅମିତ ,ପ୍ରତିଶୃତି ମାଗୁଛି ତୁମେ ମୋ ପାଖକୁ ଆସିବ । ଉଠିପଡ଼ିଲେ ଅମିତ,କି ପ୍ରତିଶୃତି ଦେବେ । ପ୍ରଥମ ପ୍ରତିଶୃତି ରଖିପାରି ନାହାନ୍ତି । ଦ୍ବିତୀୟବାର କାହିଁକି ପ୍ରତିଶୃତି ଦେବେ । ବରଂ ତୁମେ ଦିଅ ,ମୋ ପାଖକୁ ଥରେ ଆସିବ । ତୁମେ ଆସିଲେ ଜୀବନ ମୋର ପୂର୍ଣ୍ଣ ହେବ । ମୋତେ ମୋକ୍ଷର ବାଟ ଦେଖାଇବ ।ମୁଁ ତୁମ ପ୍ରତୀକ୍ଷାରେ ଅଛି ।

ଶ୍ରୀମୟୀ, ତୁମେ ଧୀରେ ଧୀରେ ଟ୍ରେନରୁ ଓହ୍ଲାଇବ । ଠିକ୍ ସେ ଯିବ । ତୁମ ନାତି ନାତୁଣୀ ଙ୍କୁ ମୋର ଆଶୀର୍ବାଦ । ତୁମକୁ ବିଦାୟ ଦେଉନି, ତୁମକୁ ସମ୍ବର୍ଦ୍ଧନା ଦେବାପାଇଁ ଏ ବୟସର ଅପହ୍ଣରେ ଆଜି ବି ମୁଁ ଜୀବନମୟ ହୋଇ ତୁମ ଅପେକ୍ଷାରେ ରହୁଛି ।

## ଦେବୀ

ସୁଚରିତା ମହାନ୍ତି



କେମିତି ଜାଣିଲ ସେ
ପାଷାଣୀ ଅହଲ୍ୟା ପରି ଅଭିଶପ୍ତା !!
ତା'ର ପୃଥିବୀଟା ସଂପୂର୍ଣ୍ଣ ଅଲଗା
ଗୋଲ୍ ନୁହେଁ କି ଚେପଟା ନୁହେଁ
ଆଲୁଅ ଅନ୍ଧାର ଗ୍ରହ ତିଥି ନକ୍ଷତ୍ର
ସବୁର ମାନଚିତ୍ର ଭିତରେ
ସେ କେବେ ପଢ଼ିନି
ଜୀବନର ବର୍ଣ୍ଣବୋଧ
ଆରମ୍ଭ କେଉଁଠି ନା ଶେଷ କେଉଁଠି
ଯୌବନ ର ପହିଲି ଛୁଆଁ ରେ
ସେ ଭୁଲି ଯାଇଛି ଆଦ୍ୟରୁ ଅନ୍ତ ଯାଏ
କେବେ ମାଟି ସହିତ
ମାଟି ହୋଇଯାଏ
କେବେ ପୁଣି ନିଜକୁ ହଜେଇ
ଦିଏ ଅଜଣା ଇଲାକାରେ
ପାଗଳୀ ର ସମ୍ବୋଧନ ରେ
ନିଜର ପରିଚୟ ନେଇ
ବଞ୍ଚି ରହିଛି,
କେବେ କାହା ପାଖରେ
ଅଳି କରିନି ନିଜର
ପରିଚୟ ପାଇଁ ।
ସେ କ'ଣ ବୁଝେ
ଏ ଦୁନିଆ ର ନିତି ନିୟମ
ଜାତି ଅଜାତି
ସଂସ୍କୃତି ପରମ୍ପରା
ଲାଜ ଲଜ୍ୟା
ନାରୀ ପାଇଁ ବାର ହାତ
ଶାଢ଼ୀ ବି କମ୍ ପଡ଼ି ଯାଏ
ଲାଜ ଢାଙ୍କି ବାକୁ,
ସେ କ'ଣ ବୁଝେ
ଶାଢ଼ୀ ର ମାନେ
ଫୁଙ୍ଗୁଳା ଦେହରେ ଯିଏ
ବିତେଇଲାଣି କେତେ ଯେ ଫଗୁଣ
ସେ କ'ଣ ବୁଝେ
ଫଗୁରେ ଭିଜିବାର ମଜା
କେବେ ଝୁଣ୍ଟିବା ର ଭୟ ନା
ମୁଣ୍ଡ ଉପରେ କିଛି ବୋଝ
ରଫ୍ ଖାତା ପରି
ଗାରେଇ ହୋଇ ରହିଛି
ତା ଜୀବନ
ଭଲ ହେଉ କି ମନ୍ଦ
ତାହା ହିଁ ତ ତା'ର ଦୁନିଆ
ସେ କ'ଣ ବୁଝେ
ଚାରିପାଖେ ବେଢ଼ି ଥିବା
ମଣିଷ ମାନଙ୍କୁ
କିଏ ମଣିଷ
କିଏ ଅବା ମଣିଷ ରୂପୀ ସଇତାନ
କେବେ କେବେ କାହା ଅନୁଗ୍ରହରେ
ପେଟକୁ ଦାନା ଗଣ୍ଡେ ପଡ଼ି ଗଲେ
ଆପଣା ଛାଏଁ ହସେ କାନ୍ଦେ
କିଏ ତାକୁ ବୁଝୁ କି ନ ବୁଝୁ
ସେ କ'ଣ ବୁଝେ ନିଦାଘରେ
କୃଷ୍ଣଚୂଡ଼ା ର ହସ
ସେ କ'ଣ ବୁଝେ
କାଗଜ ଡଙ୍ଗା ଭସାଇବା ର ନିଶା
ସବୁ ଋତୁ ତା ପାଇଁ 'ଯନ୍ତ୍ରଣା ର ଋତୁ'
ସେ କ'ଣ ବୁଝେ
କିଏ ସେ ଈଶ୍ୱର
କେବେ ଦେଖିନି କି ଶୁଣିନି
ଈଶ୍ୱର ଙ୍କ କଥା
ଈଶ୍ୱର ଆସନ୍ତି ନି ତା କଥା ବୁଝିବା କୁ
ଜାଣି ମଧ୍ୟ ସେ ଜଣେ
ଈଶ୍ୱରୀ ବୋଲି ।
ଈଶ୍ୱରୀ ଏବେ ଯାତନା ର
ଜଉ ଘରେ ନିତି ଜଳେ
ସେ କ'ଣ ବୁଝେ
ନର ରାକ୍ଷସ କେଉଁ ? ଭୟଙ୍କର
ଖିନ୍ ଭିନ୍ କରି ଶ୍ୱାନ
ଶୃଗାଳ ପରି ତାକୁ ଝୁଣି ପକାନ୍ତି
ପ୍ରତିବାଦ ର ସ୍ୱର ତା ଭିତରେ
ଜାଗିନି କେବେ
ଆତଙ୍କ ର ଚାଦର ତଳେ
ଢାଙ୍କି ହୋଇ ଯାଏ ତା
ନିସ୍ତେଜ ଶରୀର
ସେ କ'ଣ ବୁଝେ
ଦେହ ଦହନର ପ୍ରତିକ୍ରିୟା
ନିଷ୍ଠୁର ନିଷ୍ପତ୍ତି ରେ ପେଷି ହୋଇ
ଅନ୍ଧ ଗଳିରେ ଜନ୍ମ ଦିଏ
ଗର୍ଭସ୍ଥ ସନ୍ତାନକୁ ।
ସେ କ'ଣ ବୁଝେ
କେଉଁ ପାପୀର ପାପରେ
ଏ ଜନ୍ମିତ ସନ୍ତାନ
ସେ କ'ଣ ବୁଝେ
ପାଗଳୀ ହେବା ର ଅର୍ଥ
ସନ୍ତାନ ର ଅର୍ଥ
ଏବେ କ'ଣ କହିବ କୁହ
ସେ ଆଉ ପାଷାଣୀ ଅହଲ୍ୟା ପରି
ଅଭିଶପ୍ତା ନୁହେଁ
ମାତୃତ୍ୱ ର ନୂଆ ଜନ୍ମ ନେଇ
ଦେବୀ ପାଲଟିଛି ॥

ମୋ-୮୯୧୭୫୭୧୨୦୨

## ଯୁଦ୍ଧ ନା ଶାନ୍ତି

ସୁଧାକର ରାଉତ



ବନ୍ଦ କର ତୁମ ଯୁଦ୍ଧଖୋର ନୀତି
ସାମ୍ରାଜ୍ୟ ବାଦ କାମନା
ବନ୍ଦ କର ତୁମ ଜିଦ ଖୋର ମତି
ଏକ ଛତ୍ରର ବାସନା ।
ହାହାକର ମୟ ଭବିଷ୍ୟତ ଗୀତି
ଲୁଚିଛିତ ବର୍ତ୍ତମାନେ
କ୍ଷଣେ କି ଭାବିଛ ବିଭୀଷିକା କଥା
ରକତ ଛିଟା ର ଗାନେ ।
ଈର୍ଷା ଦ୍ୱ?ଷର ଲମ୍ବା ହାତ ତୁମ
ଲିଭାଏ କା ଭାଗ୍ୟରେଖା
ଲୋଲୁପତା ଶାଣିତ ତରବାରୀରେ
ଭୁଲ ସହୋଦର ସଖା ।
ଅବିବେକିତାର ଉତଥାନ ରୂପ
ଉଙ୍କିମାରେ ଯେ ପତନ
କାଙ୍ଗାଳ ତୁମର ଭୟାବହ ମନ
ସେଥିକି ନ ଦିଏ ଧ୍ୟାନ ।
ନିଜ ଭିଟା ମାଟି ଛିନ୍ନ କରି କ୍ଷଣେ
ମାରୁଛ ଯେ ବାହାସ୍ଫଟ
ପରାଜିତଙ୍କର ଅନ୍ତର ଦାହରେ
ଭେଟିବ ଶ୍ମଶାନ ଘାଟ ।
ମୋହାଛନ୍ନ ମନ ଯେବେଳେ ଭାବିବ
ଶାନ୍ତି,ଅହିଂସା,ଅକ୍ରୋଧ
ଶିଶୁର ଦରୋଟି ଭାଷା,ପ୍ରକୃତିର
ସୌନ୍ଦର୍ଯ୍ୟ ହୋଇବ ସ୍ତବ୍ଧ।
ଲୁଚିଯିବ ତୁମ ପୁରୁଷ ପଣିଆ
ହଜିଯିବ ପରିଚୟ
ଶାନ୍ତିର କପୋତ ଚଂଚୁ ଦଂଶନରେ
ଦିଶିବ କି ଅସହାୟ ।
ରକତ ରଞ୍ଜିତ ବିଜୟ ପତାକା
କରୁଥିବ ଧିକ୍କାର
ମାଟି,ପାଣି,ଆକାଶ ପରିହାସରେ
ମୃତ୍ୟୁ ତୁମ ଶ୍ରେୟସ୍କର ।

ପ୍ରତାପ ନଗରୀ, କଟକ

## ଧରଣୀ ବୁକୁର ଶିଶୁ

ସୁନୀଲ କୁମାର ପ୍ରଧାନ



ମୋ ଦେଶ ଭାରତ ବିସ୍ତୃତ ହୋଇଛି
କାଶ୍ମୀରୁ କନ୍ୟାକୁମାରୀ
ଦେଶ ସ୍ୱାଧୀନତା ପାଇଁ ଯୋଦ୍ଧା ଗଣ
ଯାଇଛନ୍ତି ସତେ ମରି ।
ଗାନ୍ଧୀ ଗୋପବନ୍ଧୁ ସୁବାଷ ସର୍ଦ୍ଦାର
କେତେ ଯେ ବୀର ଯବାନ
ଅହ ନିଶି ଚେଷ୍ଟା କରି ସେହି ବୀର
ପାଇଛନ୍ତି ଯେ ସମ୍ମାନ ।
ପ୍ରକୃତି ସୁନ୍ଦର ଆମରି ରାଇଜ
ରହିଛନ୍ତି ନାନା ବୃକ୍ଷ
ଶରୀର ପାଇଁ କି ଦରକାର ହୁଏ
ଆସୁଥାଏ ଯେବେ ରୋଗ ।
କେବେ ନଦୀ ବନ୍ଧ କେତେ ଉପତ୍ୟକା
ରହିଅଛି ଆମ ଦେଶେ
ଜଗନ୍ନାଥ ଧାମ ଆମରି ରାଇଜ
ବିଦେଶୁ ଆସନ୍ତି ଭକ୍ତ ? ।
ଆସରେ ଜାଗ୍ରତ ପହରୀ ଆସରେ
ଦୂନୀତି କରିବା ଦୂର
ସଠିକ୍ ଉପାୟେ ଜୀବନ ବଞ୍ଚିବ
ଏହା ହିଁ ଅଟେ ଗିର ।
ଦେଶର ସୁରକ୍ଷା ପାଇଁ ସଦାବେଳେ
ମନ ନିୟୋଜିତ କରି
ମାତୃଭୂମି ସେବା ନିତି କରୁଥିବା
ସତ୍ୟ ଶାନ୍ତି କୁ ଆଦରି ।

ଝଟିପଦର, ପାଲୁର, ଗଞ୍ଜାମ

## ସମୟର ଚକା ଭଉଁରୀ

ନିରଞ୍ଜନ ସାହୁ



ସମୟର ଚକା ଭଉଁରୀ ଭିତରେ
ପଡିବାକୁ ତ ବାଧ ସମସ୍ତେ ।
ସମୟ ସର୍ବଦା
ତା ନିଜର ପତିଆରା ଜାହିର କରେ
ସେଥିରେ କାହାର
ଲାଭ ଅବା କ୍ଷତି ହେବ
ସେ ଅନୁଶୋଚନ ନ ଥାଏ ତା'ର ।
ଜୀବନର ଗତିଶୀଳତା
ଅବା ପଥ୍ରୋଧ କରିବାରେ
ସମୟ ହିଁ
ମୁଖ୍ୟ ଭୂମିକା ନିଭାଏ ।
ସମୟ କାହାର
ନିୟନ୍ତ୍ରଣରେ ନ ଥାଏ
କି କାହା ନିର୍ଦ୍ଦେଶରେ
ପରିଚାଳିତ ହେବାକୁ
ବାଧ ନୁହେଁ ।
ସିଏ ପରା କାଳ
ସିଏ ମହାକାଳ
ସିଏ ହିଁ
ସୃଷ୍ଟି ,ସ୍ଥିତି, ବିଳୟ ।
ହେ ସମୟ !!!
ତୁମକୁ ବାରମ୍ବାର ନମସ୍କାର
କାରଣ ତୁମେ ହିଁ
ଅତୀତର ସ୍ୱାକ୍ଷର
ବର୍ତ୍ତମାନର ପାଣ୍ଡୁଲିପି
ଆଉ ଭବିଷ୍ୟତର ମାଳିକା ବଚନ ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬

## ଶୀତ ସକାଳର ପଖାଳ

ବିରଜା ପ୍ରସାଦ ପରିଡା



ଶୀତୁଆ ସକାଳେ ଆଳୁ ଭତା ସଙ୍ଗେ
ବଡ଼ିଚୁରା ଭାରି ମଜା,
ଦୋଗଡା ଚାଉଳେ ପଖାଳ ସାଙ୍ଗକୁ,
ଆଳୁ ବାଇଗଣ ଭଜା ।
ପିଲାବେଳ କଥା ମନରେ ଆସିଲେ,
ମନେ ପଡେ ସେ ପଖାଳ।
ଶୀତୁଆ ଖରାରେ ସାହି ପିଲା ମିଶି
ହେଉଥିଲେ କୋଳାହଳ।
ଆମରି ସାହିର ସନିଆ ଭାଇଟା,
ଡାକିଲା ପିଲାଏ ଆସ,
ଅଜିଆମେ ଗୋଟେ ଭୋଜି କରିବାକୁ
ଯୋଜନା କରିବା ବସ।
ସନିଆ କଥାରେ ସାହି ପିଲା ସବୁ
ବସିଲେ ଏକାଠି ମିଶି ।
କେଉଁଭୋଜି ହେବ କିଏ ଭାଗ ନେବ
ଚିଠା କର ଏଠି ବସି।
ସନିଆ କହିଲା ଚିଠା କିସ ହେବ
ଆମ ଏ ଭୋଜିରେ,
ପଇସା ଖରଚ ନାହିଁ ।
ଘର ପଖାଳରେ ଭୋଜି ଟେ କରିବା,
ଟଙ୍କା ଆବଶ୍ୟକ ନାହିଁ।
ପରଦିନ ଯେଣୁ ରବିବାର ଅଛି,
ପଖାଳର ଭୋଜି ହେବ।
ସଭିଏଁ ମିସିକି ପଖାଳ ଖାଇବେ,
ଭାରି ମଜା ସେଠି ହେବ।
ରବିବାର ଦିନ ସକାଳୁ ସକାଳୁ
ଡକା ଡକି ସବୁ ହେଲେ,
ଯେଝା ଘରୁ ଯେଝା ପଖାଳ ଆଣିଲେ,
ସାହି ମଝିରେ ବସିଲେ ।
ସୁମା ମା ଦାଣ୍ଡରେ ଡି ହ ଗୋଟେ ଥିଲା,
ସିଧା ଖରା ସେଠି ପଡେ,
ସବୁ ପିଲା ତକ ଏକାଠି ହୋଇଲେ,
ସାହି ଉଠେ ଆଉ ପଡେ।
ପଖାଳ ସାଙ୍ଗରେ ପୋଡ଼ା ଆଳୁ ଭର୍ତ୍ତା ,
ଆଣିଥିଲେ ତ ସଭିଏଁ,
ବଡ଼ି ଚୁରା ସଙ୍ଗେ ବାଦାମ ଚୁରା ଟି
ଆଣିଥିଲେ କେତେ କିଏ।
ଛେଚା ରସୁଣ ଓ କଟା ପିଆଜକୁ
ଦେଶି ବାଡି କଞ୍ଚାଲଙ୍କା,
ନିଜ ବାଡି ତଳ କାକୁଡି ସାଙ୍ଗକୁ
ବାଡି ଭେଣ୍ଡି ପୋଡ଼ା ଲଙ୍କା ।
ଯେ ଯାହା ଘରୁ ଆଣି ତ ଆସିଲେ,
ବସିଲେ ଚକା ଆସନେ ,
ଏହି ସମୟରେ ସୁକୁଟା ଭାଇ ଟା,
ଧାଇଁ ଆସିଲା ଜତନେ।
ମୋତେ କାହିଁ କାଲି କହିତ ନଥିଲ,
ଭୋଜି ଟେ କରିବ ବୋଲି।
ବୋଉ ମୋତେ ଆଜି ସକାଳୁ କହିଲା
ଶୁଣି କି ଚାଲି ଆସିଲି।
ହେଲେ ମୁଁ ଆଜି ଯାହା ଆଣି ଅଛି ,
କାହାରି ପାଖେ ନ ଥିବ।
ଦେଖି ଦେଲା କ୍ଷଣି ଲାଳ ତ ଗଡିବ ,
ସବୁ ମୋତେ ମାଗୁ ଥିବ।
କଣ କହିଲୁ ଶୁକୁଟା ଭାଇଲୋ,
ଆଣିଛୁ ଆମରି ପାଇଁ,
ସୁଖୁଆ ପୋଡ଼ା କୁ ଦେଖାଇ କହିଲା ,
କାହାରିକୁ ଦେବି ନାହିଁ।
ସଭିଏଁ କହିଲେ ସୁକୁ ଟା ଭାଇ ଟା,
ଅଟେ ଭାରି ଭଲ ପିଲା,
ସମସ୍ତଙ୍କୁ ନିଜେ ବାଣ୍ଟ କରି ଦେବ
ହେବ ନିଜେ ସୁନା ପିଲା।
ଶେଷେ ସବୁ ପିଲା ଏକାଠି ବସି ଣ,
ମିଳି ମିଶିକି ଖାଇଲେ। ଶୀତ ସକାଳର
ପଖାଳ ଭୋଜିର ମଜା ସବୁ ଉଠାଇଲେ

ଆଇନଜୀବୀ , ଯାଜପୁର
ମୋ ୩୪୩୭୪୧୦୪୨୮
ଗ୍ରା - କଳାମାଟିଆ ପୋ କାଇପଡା

## ଦୁଃଖ

ଆଦ୍ୟାଶା ମହାପାତ୍ର



ତୁମ ସହ ମୋର ମିତ୍ରତା
ଅନେକ ଦିନର
ଏତେ ବେଶୀ ଯେ
ତୁମ ବିନା ମାନେ କିଛି ନାହିଁ
ମୋ ଜୀବନର..!
ତୁମ ଅବର୍ତ୍ତମାନରେ
ଯେମିତି ମୁଁ ନଥିଲା ଅସ୍ତିତ୍ୱ
ଅଜଣା ମଣିଷ
ତୁମେ ତ ମୋ ଚାରିପାଖେ
ଦୟଣା ପରି ଅପୂର୍ବ ମହକ
ଭୁରୁଭୁରୁ ବାସ...!!
ମୋ ଛୁଆଁ ମାଟିରୁ
ଆଶାର ଆକାଶ
ତୁମେ ପରିବ୍ୟାପ୍ତ
ମୋ କପାଳେ ଅଙ୍କିତ
ତୁମେ ସତେ ଚନ୍ଦନ ତିଳକ
ତୁମେ ପରା ମୋର
ଅତି ଆପଣାର ଦୁଃଖ...!!!

ନୂଆପଡା, କଟକ

## ତୁମେ କିବା ସେହି...

ଲୋପାମୁଦ୍ରା ଜେନା



ତୁମେ କିବା ସେହି ବସନ୍ତ ମଳୟ
ଫଗୁଣର ଫୁଲବନ ,
ହୃଦୟକୁ ଯିଏ ଛୁଇଁ ଚାଲିଗଲା
ଚୋରିକରି ନେଲା ମନ ॥
ତୁମେ କିବା ସେହି ଯାହାକୁ ମୁଁ ନିତି
ବିଜନ ବେଳାରେ ଗାଏ ,
ହୃଦୟ କନ୍ଦରେ ସୁନା ଫରୁଆରେ
ସାଇତା ଗୀତରୁ ଖିଏ ॥
ତୁମେ କିବା ସେହି ସାଗର ବେଳାର
ଶାମୁକା ଗରଭ ମୋତି ,
ଯାହାକୁ ପାଇଲି ବେଳାପ'ରେ ଦିନେ
ଆଜି ଯିଏ ହେଲା ସ୍ମୃତି ॥
ତୁମେ କିବା ସେହି ମୋ ମନ ଅଗଣା
ବହଲେ କଦମ୍ବ ବାସ ,
ତୁମେ କିବା ସେହି ଶୀତ ସକାଳର
ସୋରିଷ ଫୁଲର ହସ ॥
ତୁମେ କିବା ସେହି ମଗୁଶୁର ମାସ
ପାହାନ୍ତାର ଶଙ୍ଖଧ୍ୱନୀ ,
ବହଳ କୁହୁଡି ଆଡେଇ ଆଡେଇ
ଶୁଭୁଥିବା ବେଦଧ୍ୱନୀ ॥
ତୁମେ କିବା ସେହି କୁହୁକ ଦେଶର
ଅଦେଖା କୁହୁକ ମୁଣି ,
ସପନରେ ଆସି ଗୋପନେ ଗୋପନେ
ମନକୁ ଛୁଉଁଛ ପୁଣି ॥
ତୁମେ କିବା ସେହି କସ୍ତୁରୀ ମହକ
ହୃଦୟର ମଧୁବନେ ,
ମନ ଆକାଶରେ ଇନ୍ଦ୍ରଧନୁ ସାଜି
ଢାଳୁଥାଅ ରଙ୍ଗ ଜେହ୍ନେ ॥
ତୁମେ କିବା ସେହି ନୀଳ ଆକାଶର
ବଉଦର ଗୋଟେ ଭେଳା ,
ତୁମକୁ ଚାହିଁଲେ ଶବ୍ଦମୋତି ସବୁ
ମନରେ କରନ୍ତି ମେଳା ॥
ତୁମେ କିବା ସେହି ଯିଏ ଛାଡିଗଲ
ବେଳାବୁକେ ପାଦଚିହ୍ନ ,
ଯେଉଁ ପାଦଚିହ୍ନ ନିତି ମତେ କହେ
ଅଫେରା ସମୟମାନ ॥
ତୁମେ କିବା ସେହି ଯିଏ ମୋ ଭାବରେ
ନିରୋଳା ସମୟେ ଆସ ,
ଶବ୍ଦଫୁଲ ହୋଇ ଲେଖନୀରୁ ଝରି
କାଗଜ ଛାତିରେ ହସ ॥
ତୁମେ କିବା ସେହି ନୀଳ ଆକାଶରେ
ତାରାମେଳେ ଥିବା ଜହ୍ନ ,
ଯେତେ ରାଗ ରୁଷା ତୁମ ଜୋଛନାରେ
ହୋଇଯାଏ ସବୁ ଲୀନ ॥
ତୁମେ କିବା ସେହି ଯା'କୁ ଅନୁଭବେ
ସ୍ପନ୍ଦନେ ସ୍ପନ୍ଦନେ ମୁହିଁ ,
ନିଶ୍ଚୁପ୍ ସମୟେ ହୃଦୟକୁ ଛୁଆଁ
ବସନ୍ତ ମଳୟ ହୋଇ ॥

## ନଜାଣି ମୁଁ ବିଚାର ପତି


ଡୁଇଟି ଡେଭିଡ ଫିଲିପ



ଯାହା କୁ ମୁଁ ଧରିଛି,
ସିଏ ମୋତେ ଧରିଛି,
ନା ତାକୁ ମୁଁ ଜାଣିଛି,
ନା ସେ ମୋତେ ଜାଣିଛି,
ସବୁ ନଜାଣି,
ତାକୁ ଛାଡ଼ିବା, ସେ ମୋତେ ଛାଡ଼ିବା,
ସମୟ ଆସି ସାରିଛି,
ଛଡା ଛଡ଼ି ପୂର୍ବରୁ, ଯାହାକୁ ନେଇ
ଯିବିନି, ତା ପାଇ ବ୍ୟସ୍ତ ହେଉଛି,
ଥରେ ଆସିଛି,
ଆଉ ଆସିବି ନା ନାହିଁ ଜାଣିନି,
ଗୋଟିଏ ଠାରେ ସୀମିତ,
ଅନେକ ଦିନ ହୋଇ ସରିଛି,

ଦୁଃଖ, ସୁଖ, ଭଲ, ମନ୍ଦ ମୋର,
ମୋର ଅନୁଭୁତିରେ ମୁଁ ସୀମିତ।
ଆଉ କାହାର ଠାରେ ପଶି
ହେବା ବାଟ ଥିଲା କି,
କେବେ ଚିନ୍ତା କରନି ?
ମାଁ, ବାପା ନିଜ ସନ୍ତାନ ଠାରେ
ପଶି ଜାଣନ୍ତି,
ସ୍ୱେଚ୍ଛାସେବୀ ବି ଜାଣୁ ଛନ୍ତି,
ମୁଁ ନଜାଣି ବିଚାର ପତି ସାଜିଛି,
କ୍ଷତି ମୁଁ ନୁହେଁ ତ କିଏ କରୁଛି ?
ଆଜିଠୁ, ମୁଁ ଅନ୍ୟ ଠାରେ ପଶି ବଞ୍ଚିବି।
ନିଜ ଯାଗାରେ ମୁଁ ଆଉ ତୁମେ, ଆମେ
ସବୁ ବିଚାର ପତି।
ମୋ କାମ, ମୋ ପାଇ ଅତ୍ୟଧିକ,
ଖୁସି ଓ ସମ୍ପତି, ଆହୁରି ଆବଶ୍ୟକ,
ମୋଠାରେ ନାହିଁ ସମୟ।
ଶରୀର ଓ ଆତ୍ମା ଏକ ଓ ଭିନ୍ନ।

ଝାଡ଼ଖଣ୍ଡ




# -ଭାଗବତ ଟୁଙ୍ଗି-



ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା, ମାହାତ୍ମ୍ୟ, ଭକ୍ତି ଆଦି ସଂପର୍କରେ ବ୍ୟାସଦେବ ପ୍ରଣୀତ ସଂସ୍କୃତ ଭାଗବତ ଅବଲମ୍ବନରେ ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ରଚନା କରିଥିଲେ। ଏହା ଓଡ଼ିଆଙ୍କ ମଧ୍ୟରେ ଖୁବ୍ ଆଦରଣୀୟ ଏକ ଧର୍ମଗ୍ରନ୍ଥ। ଏକଦା ପ୍ରତ୍ୟେକ ମଧ୍ୟବିତ୍ତ ଓଡ଼ିଆ ଘରେ ଏକ ସ୍ୱତନ୍ତ୍ର ଗାଦିରେ ଏହାକୁ ପୂଜା କରାଯାଉଥିଲା। ଏବେ ମଧ୍ୟ ଏହି ପରମ୍ପରା ବଞ୍ଚିରହିଛି। ଘରେ ଭାଗବତ ପୂଜା ପାଉଥିବା ସ୍ଥାନକୁ ଭାଗବତ ଗାଦି କୁହାଯାଏ। ସେହି ପରି ଗ୍ରାମମାନଙ୍କରେ ଭାଗବତ ପୂଜା ପାଉଥିବା ଘରକୁ କୁହାଯାଏ ଭାଗବତ ଟୁଙ୍ଗି। ଏକ ସମୟରେ ଦୈନିକ ସନ୍ଧ୍ୟାରେ ଟୁଙ୍ଗିରେ ଭାଗବତ ବୋଲାଯାଉଥିଲା। ଗ୍ରାମବାସୀ, ବିଶେଷତଃ ବୃଦ୍ଧମାନେ ଏହା ଶୁଣିବା ପାଇଁ ରୁଣ୍ଡ ହେଉଥିଲେ। ଏ ସଂପର୍କରେ ନିର୍ଝରିଣୀରେ ପଲ୍ଲୀକବି ନନ୍ଦକିଶୋର ବଳ ଲେଖିଛନ୍ତି ଭାଗବତ ଘରେ ରାମାୟଣ ପୋଥି ଗାଉଥିଲେ ପୁରୋହିତ, ଘୋର ବରଷାରେ ଅଶୋକ ବନରେ ସତୀ ବୈଦେହୀ ଚରିତ। ଭାଗୀରଥୀ ତୀରେ ଗହନ କାନ୍ତାରେ ଦେବର ଲକ୍ଷ୍ମଣ ଥରେ ରଥୁଁ ଅବତାରି ସୀତାଙ୍କୁ ଏକାକୀ ତେଜି ଫେରିଲେ ନଗରେ। ଭାଗବତ ଘରୁ ମାତାଙ୍କ ସଙ୍ଗରେ ଫେରିଗଲା ଶିଶୁଘରେ, ନୂଆ ବୋହୂ ପାଶେ ବସି ବର୍ଷାଗୀତ ଗାଇଲା ଚୁଲି ମୁଣ୍ଡରେ। ଭାଗବତ ଟୁଙ୍ଗି ସଂସ୍ପର୍ଶରେ ପୂର୍ବ ଆଦର ଯଦିଓ ଆଉ ନାହିଁ। ତଥାପି ହଜିନାହିଁ, ମରିନାହିଁ ଏହି ଖାଣ୍ଟି ଓଡ଼ିଆ ସଂସ୍କୃତି। ଏହାର ପୁନରୁଦ୍ଧାର ପାଇଁ ଅନେକ ବ୍ୟକ୍ତି ତଥା ଅନୁଷ୍ଠାନ ପ୍ରୟାସରତ। ଜିଏମ୍ଆର୍ ବରାଲକ୍ଷ୍ମୀ ଫାଉଣ୍ଡେସନର ଦୃଷ୍ଟାନ୍ତ ଦିଆଯାଇପାରେ। ଏହି ସଂସ୍ଥା ପକ୍ଷରୁ ଢେଙ୍କାନାଳର ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ କମଲାଙ୍ଗ ଅଞ୍ଚଳର ତିନିଟି ଗ୍ରାମରେ ମୋଟ ଛଅଟି ଭାଗବତ ଟୁଙ୍ଗିର ନବନିର୍ମାଣ ସଂପନ୍ନ ହୋଇଛି। ଅଠରଟି କୀର୍ତ୍ତନ ମଣ୍ଡଳିକୁ ଢୋଲ, ଖଞ୍ଜଣି, ଝୁମୁକା, ଗିନି, ତୁରି ଆଦି ଯୋଗାଇଦିଆଯାଇଛି।

**ଭାଗବତ ଟୁଙ୍ଗିରେ ସନ୍ଧ୍ୟା :** ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ବେଳକୁ ଭାଗବତ ଟୁଙ୍ଗିର ପତନ ପର୍ବ ଆରମ୍ଭ ହୋଇସାରିଥିଲା। ତାଙ୍କ ଗ୍ରାମର ଭାଗବତ ଟୁଙ୍ଗିରେ ତାଳପତ୍ର ପୋଥି ନଥିବା ଏବଂ ସନ୍ଧ୍ୟାରେ ଲୋକେ ସେଠାରେ ବସି ଉଡା ଖବର ବାବଦରେ ଆଲୋଚନା କରୁଥିବା ସେ ଲେଖିଯାଇଛନ୍ତି। ତାଙ୍କ ଦ୍ୱାରା ଲିଖିତ ୧୯୦୩ରେ ପ୍ରକାଶିତ ଭାଗବତ ଟୁଙ୍ଗିରେ ସନ୍ଧ୍ୟା ଏକ ସୁପ୍ରସିଦ୍ଧ ରମ୍ୟ ରଚନା। ଶ୍ରୀଦୁର୍ମୁଖ ଶର୍ମା ଛଦ୍ମନାମରେ ସେ ଏହା ଲେଖିଥିଲେ। ଏହା ପ୍ରଥମେ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିଲା।

**ଭାଗବତ ମେଳନ :** ଚୈତ୍ର ପୂର୍ଣ୍ଣମୀ ରାତ୍ରିରେ ଭାଗବତ ମେଳନ ଉତ୍ସବ ପାଳନ କରାଯାଏ। ଏହି ଅବସରରେ ଭିନ୍ନ ଭିନ୍ନ ସ୍ଥାନରେ ପୂଜିତ ଭାଗବତ ଗାଦିମାନଙ୍କୁ ବିମାନରେ ନିଆଯାଇ, ଏକ ସ୍ଥାନରେ ସମ୍ମିଳିତ କରାଯାଏ ଏବଂ ଯାତ୍ରା, କୀର୍ତ୍ତନ ଆଦି ଆୟୋଜିତ ହୁଏ।

**ତ୍ରିନାଥ ଓଝା, ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ, ଦୂରଭାଷ :୯୨୩୮୬୦୨୮୨୫**

## ବାଲେଶ୍ୱରରେ ବିଶ୍ୱ ମତ୍ସ୍ୟଜିବୀ ଦିବସ ପାଳନ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ବ୍ରିଟ୍ କଲ୍ୟାଣ ମଣ୍ଡପ ପରିଷରରେ ଜିଲ୍ଲା ମତ୍ସ୍ୟ ବିଭାଗ ଆନୁକୂଲ୍ୟରେ ଜିଲ୍ଲାର ୫୦ ଜଣ ଅଗ୍ରଣୀ ମତ୍ସ୍ୟ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ନେଇ ବିଶ୍ୱ ମତ୍ସ୍ୟ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିସଦର ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ନିକୁଞ୍ଜ କୁମାର ରାଉତ, ଡ଼. ବନମାଳୀ ସାହୁ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମୃତ୍ତିକା ସରଂକ୍ଷଣ ବିଭାଗ ଶ୍ରୀଯୁକ୍ତ ଶୀବ ଚରଣ ସେଠୀ, ବରିଷ୍ଠ ବୈଜ୍ଞାନିକ ସ୍ୱାଗତିକା ସାହୁ, ବିଶ୍ୱଜିତ ଶତ୍‌ପଥୀ ପ୍ରମୁଖ ଯୋଗ ଦେଇ ବିଶ୍ୱ ମତ୍ସ୍ୟ ଦିବସ ପାଳନ ର କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ସଭାରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଜିତେନ୍ଦ୍ର କୁମାର ବେହେରା ପ୍ରାରମ୍ଭିକ ଭାଷଣ ରଖିବା ସହ ଅତିଥି ପରିଚୟ ଏବଂ ବିଶ୍ୱ ମତ୍ସ୍ୟ ଦିବସର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ମଧୁର ଏବଂ ସାମୁଦ୍ରିକ ବିଭାଗର ବିଭିନ୍ନ ଯୋଜନାଗୁଡ଼ିକ ସମ୍ପର୍କରେ ଅବଗତ କରାଇ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ବିଭିନ୍ନ ଯୋଜନା ମାଧ୍ୟମରେ ଉପକୃତ ହୋଇ ଶ୍ରେଷ୍ଠତ୍ୱ ପ୍ରତିବାଦନ କରିଥିବାରୁ ୫ ଜଣ ଅଗ୍ରଣୀ ଚାଷୀମାନଙ୍କୁ ମାନପତ୍ର ପୁରସ୍କାର ଏବଂ ଉପଢ଼ୌକନ ଦେଇ ପୁରସ୍କୃତ କରାଯାଇଥିଲା। ସଭା ଶେଷରେ ସହକାରୀ ମତ୍ସ୍ୟ ଅଧିକାରୀ ସ୍ୱର୍ଣ୍ଣରେଖା ବେହେରା ଧନ୍ୟବାଦ ଦେଇଥିଲେ।

## ବରିଷ୍ଠ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ




ଭୁବନେଶ୍ୱର (ପିଏନ୍): ବରିଷ୍ଠ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱର, ୟୁନିଟ୍-୬ସ୍ଥିତ ଲୋହିଆ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ସଭାପତି କାହ୍ନୁ ନନ୍ଦ ଅଧକ୍ଷତା କରିଥିବା ବେଳେ ଉପସଭାପତି ପ୍ରଦୀପ୍ତ କିଶୋର ଚୌଧୁରୀ, ସାଧାରଣ ସମ୍ପାଦକ ଆଶୁତୋଷ ବେହେରା, ସହ-ସମ୍ପାଦକ ମହେଶ୍ୱର ତ୍ରିପାଠୀ, ସଂଗଠନ ସମ୍ପାଦକ ବିପ୍ଳବ ମହାନ୍ତି, ପୁରୀ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ସରୋଜ ମିଶ୍ର, ଶରତ ବାରିକ, ଦେବ ସିଂହ, ସରୋଜ ନାୟକ ପ୍ରମୁଖ ଯୋଗଦେଇ ସାମ୍ବାଦିକମାନଙ୍କ ପାଇଁ ସାମ୍ବାଦିକ ସୁରକ୍ଷା ଆଇନ୍ ଓ ଅବସର ଗ୍ରହଣ କରୁଥିବା ସାମ୍ବାଦିକ ମାନଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା ପ୍ରମୁଖ ୨ ଦଫା ଦାବି ସହିତ ଅନ୍ୟାନ୍ୟ ଦାବି ନେଇ ଆସନ୍ତା ଡିସେମ୍ବର ୧୫ ତାରିଖରେ ଧାରଣ ଦେବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହି ନିଷ୍ପତ୍ତି ବୈଠକରେ ସର୍ବସମ୍ମତି ପ୍ରକାଶ ପାଇଥିଲା । ସଭାପତି ଶ୍ରୀ ନନ୍ଦଙ୍କ ସୂଚନା ମୁତାବକ ଭାରତରେ ୧୭ଟି ରାଜ୍ୟରେ ସାମ୍ବାଦିକ ପେନ୍‌ସନ୍ ଯୋଜନା କାର୍ଯ୍ୟକାରୀ ହୋଇସାରିଲାଣି ଏବଂ ୩ଟି ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ୍ କାର୍ଯ୍ୟକାରୀ ହେଲାଣି, ହେଲେ ଆଜି ପର୍ଯ୍ୟନ୍ତ ଓଡ଼ିଶାରେ କାର୍ଯ୍ୟକାରୀ ନ ହେବା ନେଇ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିଥିବା ସୂଚନା ପ୍ରଦାନ କରିଛନ୍ତି। ଏହି ବୈଠକରେ ରାଜ୍ୟ ଉପସଭାପତି ଶ୍ରୀ ଚୌଧୁରୀ ଯୋଗ ଦେଇ ଏହି ଦାବି ସମ୍ପର୍କରେ ୨୦ ଅଗଷ୍ଟ ୨୦୨୨ରେ ରାଜ୍ୟ ସରକାରଙ୍କ ସହିତ ବିଭାଗୀୟ ମନ୍ତ୍ରୀ, ସଚିବ, ନିର୍ଦ୍ଦେଶକ ଓ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରାଯାଇଛି । ୧୯ ସେପ୍ଟେମ୍ବରରେ ମଧ୍ୟ ଏହାର ଅଗ୍ରଗତି ସମ୍ପର୍କରେ ମେଲ୍ ଜରିଆରେ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିବା ଯୋଗୁଁ ଆଜି ସଂଘର କାର୍ଯ୍ୟକାରିଣୀ ବୈଠକରେ ଡିସେମ୍ବର ୧୫ ତାରିଖରେ ବିଧାନସଭା ଆଗରେ ଦିନିକିଆ ଧାରଣା ଦେବାପାଇଁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ନିରଂଜନ ବାରିକ, ଚିତ୍ତରଂଜନ ଦାସ, ଗୌରାଙ୍ଗ ସ୍ୱାଇଁ, ବିପିନ୍ ସେଠୀ, ଗଙ୍ଗାଧର ରାଉତ, ମିହିର ନାୟକ ପ୍ରମୁଖ ଯୋଗଦେଇଥିଲେ।

## ପ୍ରଚାର ପରିବର୍ତ୍ତେ ବସ୍ତିର ମୌଳିକ ସମସ୍ୟାର ସମାଧାନ କରାଯାଉ



ରାଉରକେଲା (ପିଏନ୍): ରାଜ୍ୟ ସରକାର ଜାଗା ମିଶନ କାର୍ଯ୍ୟକ୍ରମ ଜରିଆରେ ବସ୍ତି ବିକାଶ କରିଥିବା କଥା କହୁଛଁି । ବିଭିନ୍ନ ବସ୍ତିରେ ପୌର ସଂସ୍ଥା ଜରିଆରେ ବସ୍ତି ଉନ୍ନୟନ କମିଟି ମଧ୍ୟ ଗଠନ କରିଛଁି । ତେବେ ଗତ କିଛିଦିନ ହେଲା ଜାଗା ଅଧିକାର କାର୍ଯ୍ୟକ୍ରମରେ ବସ୍ତିବାସୀଙ୍କୁ ସେମାନଙ୍କ ବାସଗୃହ ଜାଗାର ଅଧିକାର ଦିଆଯିବ ବୋଲି ପ୍ରଚାର ଚାଲିଛି । ତେବେ ଏତେସବୁ ପ୍ରଚାର ସତ୍ତ୍ୱେ ରାଉରକେଲା ମହାନଗର ନିଗମ ଅଂର୍ଗତ ବିଭିନ୍ନ ବସ୍ତିରେ ଆଶାନୁରୂପ ବିକାଶ ହେବା ପରିବର୍ତ୍ତେ ବିକାଶ ବାଟବଣା ହୋଇଛି ବୋଲି କଂଗ୍ରେସର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି କହିଛଁି । ୱାର୍ଡ ପରିକ୍ରମା କାର୍ଯ୍ୟକ୍ରମରେ ୧୦ ନମ୍ବର ୱାର୍ଡର ମାଲଗୋଦାମ ବସ୍ତି, କ୍ଷେତି ବସ୍ତି ଓ ଚର୍ଚ୍ଚ ବସ୍ତି ଅଞ୍ଚଳ ବୁଲି ଦେଖିବା ସହିତ ସ୍ଥାନୀୟ ବସ୍ତିବାସୀଙ୍କ ସମସ୍ୟା ସମ୍ପର୍କରେ ସେମାନଙ୍କ ସହିତ ଆଲୋଚନା କରିଥିଲେ । ମାଲଗୋଦାମ ଓ କ୍ଷେତି ବସ୍ତିରେ ସମସ୍ତ ଅଞ୍ଚଳକୁ ଅଦ୍ୟାବଧି ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ନ ହେବା, ନାଳିଗୁଡିକ ନିୟମିତ ଭାବେ ସଫେଇ ନ ହେବା ଏବଂ ଅନେକ ଅଞ୍ଚଳରେ ଆବଶ୍ୟକୀୟ କଂକ୍ରିଟ୍ ନାଳି ଓ ରାସ୍ତା ଅଦ୍ୟାବଧି ନିର୍ମାଣ ହୋଇନଥିବା ସମ୍ପର୍କରେ ବାସିନ୍ଦାମାନେ ଅଭିଯୋଗ କରିବା ସହିତ ସେଗୁଡିକୁ ବୁଲାଇ ଦେଖାଇଥିଲେ । କ୍ଷେତିବସ୍ତି ମଧ୍ୟଦେଇ ଯାଇଥିବା ମୁଖ୍ୟ ନାଳି ପାର୍ଶ୍ୱରାସ୍ତା ଅଧାରୁ ଛାଡି ଦିଆଯାଇଥିବା ବେଳେ ନିର୍ମିତ ରାସ୍ତାରୁ କିଛି ଭୁଷୁଡି ପଡିଥିବା ଦେଖିଥିଲେ । ସେହିପରି ବସ୍ତି ମଧ୍ୟରେ କେତେକ ଆଭ୍ୟଂରୀଣ ରାସ୍ତା ଏଭଳି ନିର୍ମାଣ କରାଯାଇଛି ଯେ, ସାମାନ୍ୟ ବର୍ଷା ହେଲେ ସମ୍ପୃକ୍ତ ରାସ୍ତାରୁ ପାଣି ନିଷ୍କାସିତ ହୋଇପାରୁ ନଥିବା ବସ୍ତିବାସୀନ୍ଦାମାନେ ଅଭିଯୋଗ କରିଥିଲେ । ବସ୍ତିର କେତେକ ମୁଖ୍ୟ ସ୍ଥାନରେ ଲାଇଟ୍ ପୋଷ୍ଟ ନଥିବା ବେଳେ ଆଉ କେତେକ ସ୍ଥାନରେ ଲାଇଟ୍ ଜଳୁନଥିବା ବାସିନ୍ଦାମାନେ ଅଭିଯୋଗ କରିଥିଲେ । ସେହିପରି ଚର୍ଚ୍ଚ ବସ୍ତିରେ ଥିବା ନଳକୂପରୁ ଠିକ୍ ଭାବେ ପାଣି ବାହାରୁନଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଯୋଗାଇ ଦିଆଯାଇଥିବା ପାଇପ୍‌ରୁ ଜଳ ଯୋଗାଣ ଠିକ୍ ଭାବେ ହେଉନଥିବା ବାସିନ୍ଦାମାନେ ଅଭିଯୋଗ କରିଥିଲେ । ଏବେମଧ୍ୟ କେତେକ ଯୋଗ୍ୟ ହିତାଧିକାରୀ ରାସନ କାର୍ଡ ପାଇବାରୁ ବଞ୍ଚିତ ଥିବାବେଳେ କିଛି ଯୋଗ୍ୟ ବିବେଚିତ ହିତାଧିକାରୀ ଭତ୍ତା ମଧ୍ୟ ପାଇପାରୁ ନାହାଁଁ । ଏସବୁ ସମସ୍ୟା ପ୍ରତି ଯେଭଳି ଭାବେ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ତରଫରୁ ଗୁରୁତ୍ୱାରୋପ କରାଯିବା କଥା ତାହା ହେଉନାହିଁ ବୋଲି ଶ୍ରୀ ସେନାପତି ଅଭିଯୋଗ କରିଛଁି । ତେବେ ବସ୍ତିଗୁଡିକର ମୌଳିକ ସମସ୍ୟା ଗୁଡିକୁ ନେଇ ଖୁବ୍‌ଶୀଘ୍ର ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ଶ୍ରୀ ସେନାପତି ଏହି ଅବସରରେ ବାସିନ୍ଦାମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ସେନାପତିଙ୍କ ସହିତ ପିସିସି ସଭ୍ୟ ସବୀର ହୁସେନ, ସେବାଦଳର ସାରଦା ପ୍ରସନ୍ନ ଦାସ, ସ୍ଥାନୀୟ କଂଗ୍ରେସ ନେତା ଆବିଦ ହୁସେନ, ଜିଲ୍ଲା କଂଗ୍ରେସର ଦିଲ୍ଲିପ ଜେନା, ସ୍ଥାନୀୟ କଂଗ୍ରେସର ବିଜୟ ପରିଡା, ଅନୀଲ ଦାସ, ରୁଷି ସାହୁ, ରବୀନ୍ଦ୍ର ପ୍ରଧାନ, ସେକ ସମିର ପ୍ରମୁଖ ସାମିଲ୍ ହୋଇ ଏସବୁ ଅଞ୍ଚଳଗୁଡିକ ବୁଲି ଦେଖିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ସାଧାରଣ ପରିଷଦ




ଭୁବନେଶ୍ୱର (ପିଏନ୍: ରୋଟାରି ଭବନଠାରେ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବେ ମାନ୍ୟବର କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା-ମୁଖ୍ୟଅତିଥି ଭାବେ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା-ମୁଖ୍ୟବକ୍ତା ଭାବେ, ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଫିସର ଦେବରାଜ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କୈବର୍ତ୍ତ ସମାଜର ଆର୍ଥିକ, ସାମାଜିକ, ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ ପାଇଁ ସମସ୍ତେ ଏକ ହୋଇ ଏକମନ ହୋଇ ଆଗେଇ ଯିବାକୁ ଆହ୍ୱାନ ଦେଇଥିଲେ । ଶ୍ରୀ ଜଗବନ୍ଧୁ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାଧାରଣ ପରିଷଦ ସମଗ୍ର ରାଜ୍ୟର ସବୁ ଜିଲ୍ଲାରୁ କୈବର୍ତ୍ତ ଭାଇ ଭଉଣୀମାନେ ଆସି ଏହି ଅଧିବେଶନରେ ଯୋଗ ଦେଇଥିଲେ ଓ ମୁଖ୍ୟ ସଂଯୋଜକ ନାରାୟଣ ବେହେରା ସଭା ପରିଚାଳନା କରିଥିଲେ । ଏହି ସଭାରେ ପରିଷଦର ସଭାପତି ପଦ ଖାଲି ପଡ଼ିଥିବା ଯୋଗୁଁ ସଭାପତି ପଦ ପାଇଁ ସର୍ବସମ୍ମତିକ୍ରମେ ଦେବେନ୍ଦ୍ର ବେହେରାଙ୍କ ନାମକୁ ପୂର୍ବତନ ମନ୍ତ୍ରୀ ଶ୍ରୀ ଗଣେଶ୍ୱର ବେହେରା ପ୍ରସ୍ତାବ ଦେଇଥିଲେ ଏବଂ ତାଙ୍କର ଏହି ପ୍ରସ୍ତାବକୁ ଉପସ୍ଥିତ ସମସ୍ତ କୈବର୍ତ୍ତ ଭାଇଭଉଣୀମାନେ ସମର୍ଥନ ଜଣାଇଥିଲେ। ନୂଆ ସଭାପତି ଦାୟିତ୍ୱ ନେବାପରେ ପ୍ରଥମେ ପରିଷଦକୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ । ମୋ ଜାତିକୁ ଆଗକୁ ବଢିବା ପାଇଁ ଚେଷ୍ଟା କରିବା ଯଥା- ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଉନ୍ନତି ପାଇଁ ସବୁ ପ୍ରକାର ଚେଷ୍ଟା କରିବା ପାଇଁ ମୁଁ ବଦ୍ଧ ପରିକର ବୋଲି ସଭାପତି ନିଜ ଭାଷଣରେ ଉଲ୍ଲେଖ କରିଥିଲେ। ଏପରିକି ସରକାରଙ୍କ ବିଭିନ୍ନ ଯୋଜନା ଆମ ଜାତି ପାଇଁ ଯାହାସବୁ ଅଛି ତାକୁ ସମସ୍ତଙ୍କ ସାମ୍ନାକୁ ଆଣିବା ପାଇଁ ଭରପୁର ଚେଷ୍ଟା କରିବେ ବୋଲି ସଭାପତି କହିଛନ୍ତି । ସେହିପରି ୧୯୫୦ ମସିହାରୁ ଏହି ମହାସଭା କଟକରୁ ଆରମ୍ଭ ହୋଇ ଆଜି ସବୁ ଜିଲ୍ଲାରେ ନିଜର ସଂଗଠନ ତିଆରି କରିଛି । ଏହି ଜାତିର ସ୍ୱାର୍ଥ ରକ୍ଷା ପାଇଁ ଚେଷ୍ଟା କରିଚାଲିଛି । ଆଜିର ଏହି ପରିବର୍ତ୍ତିତ ପରିସ୍ଥିତିରେ ମହାନଦୀର ଜଳସ୍ରୋତ କମିବା, ଚିଲିକାରେ ପ୍ରଦୂଷଣ ଜଳ ହେବା ଏବଂ ବିଭିନ୍ନ ନଦୀନାଳ ଅବସ୍ଥା ଶୋଚନୀୟ ହେବା ଯୋଗୁଁ ଆମର କୌଳିକ ବ୍ୟବସାୟରେ ଗୁରୁତ୍ୱର ବ୍ୟାଘାତ ହେଉଥିବା ବେଳେ କୈବର୍ତ୍ତ ଭାଇମାନରଙ୍କ ଆର୍ଥିକ ଉନ୍ନତି ଏବଂ ସ୍ୱାର୍ଥରକ୍ଷା ବଡ଼ କଷ୍ଟକର ହେଉଥିଲେ ମଧ୍ୟ ଆମେ ଆପ୍ରାଣ ଉଦ୍ୟମ କରି ଆମ ଜାତିର ଉନ୍ନତି ପାଇଁ କାମ କରିଚାଲିଛୁ ଏବଂ କରୁଥିବୁ ବୋଲି କହିବା ସହ ସବୁ ଜିଲ୍ଲାରେ ଆମ ସଂଗଠନକୁ ସୁଦୃଢ଼ କରିବା ପାଇଁ ଖୁବ୍‌ଶୀଘ୍ର ଆଉ ଗୋଟିଏ ସାଧାରଣ ପରିଷଦ ଡାକି ଏହିସବୁ ସମସ୍ୟା ଉପରେ ବିଚାର ଆଲୋଚନା କରିବା ପାଇଁ ପ୍ରସ୍ତୁତ ହେଉଛୁ ବୋଲି କୈବର୍ତ୍ତ ପରିଷଦର ସାଧାରଣ ସମ୍ପାଦକ ରାମଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି।

## ରାମବାଗ ମହିଳା ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ



ଯାଜପୁର (ପିଏନ୍): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ତଳିହା ପଞ୍ଚାୟତରେ ଅବସ୍ଥିତ ରାମବାଗ ମହିଳା ମହାବିଦ୍ୟାଳୟରେ ଯୁକ୍ତ ତିନି ପ୍ରଥମ ବର୍ଷର ବାଳିକାମାନଙ୍କୁ ନେଇ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ତିନିର ଦ୍ୱିତୀୟ ଓ ତୃତୀୟ ବର୍ଷର ବାଳିକାମାନେ ମିଶି ଏହାର ଆୟୋଜନ କରିଥିଲେ। ଏଥିରେ ତାଙ୍କୁ ସହଯୋଗ କରିଥିଲେ ଯୁକ୍ତ ତିନିର ଦୁଇ ଅଧାପକ ନିର୍ମଳ ସାହୁ (ରାଜନୀତି ବିଜ୍ଞାନ), ଅଧାପିକା ନିକିତା ଦାସ (ଶିକ୍ଷା)। ଏହି ସ୍ୱାଗତ ସମ୍ବର୍ଦ୍ଧନାରେ ରବି ପୁହାଣ ସଭାପତିତ୍ୱ କରିଥିବା ବେଳେ, ସରୋଜ କୁମାର ଦାସ ମୁଖ୍ୟ ଅତିଥିରୂପେ ଯୋଗଦାନ କରିଥିଲେ, ଗଦାଧର ମିଶ୍ର ଉପସ୍ଥାପନା କରିଥିଲେ ତାଙ୍କ ସହିତ ଯୋଗ ଦେଇଥିଲେ ଜ୍ୟୋସ୍ନାରାଣି, ଜୟସ୍ମିତା ସାହୁ, ସରୋଜ କୁମାର ଦାଶ, ରବିନ୍ଦ୍ର କୁମାର ପାଣି, ଜ୍ୟୋତି ରଂଜନ ପୁହାଣ, ସନ୍ତୋଷ କୁମାର ଆଦି ସମସ୍ତ ସଦସ୍ୟ ସଦସ୍ୟାମାନେ ଅଂଶ ଗ୍ରହଣ କରିଥିଲେ। ଏହା ସହିତ ବାଳିକାମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ନାଚ, ଗୀତ ଓ ରଙ୍ଗୋଲି ଆଦି ରଙ୍ଗା ରଙ୍ଗ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। କୃତି ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ରଙ୍ଗୋଲିରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ପିନୁରାଣୀ ରାଉତ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ପୂଜାରାଣୀ ରାଉତ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ ଶୁଭସ୍ମିତା ପୋଥାଳ, ସଂଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ସ୍ୱର୍ଣ୍ଣପ୍ରିୟା ମହାପାତ୍ର, ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ସରୋଜିନୀ ବେହେରା, ତୃତୀୟ ସ୍ଥାନ ଅଧିକାର କରିଥିଲେ ମନସ୍ମିତା ବାରିକ। ନିର୍ମଳ ସାର୍ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ସୁରକ୍ଷା ସମିତି ପକ୍ଷରୁ ଜାତୀୟ ଶିଶୁ ଅଧିକାର ଦିବସ ପାଳନ



ଯୋଡା (ପିଏନ୍): କେନ୍ଦୁଝର ଜିଲ୍ଲା ଯୋଡା ପୌରାଞ୍ଚଳରେ ଥିବା ଶିଶୁ ସୁରକ୍ଷା ସମିତି ପକ୍ଷରୁ ଗତ ରବିବାର ଦିନ ଜାତୀୟ ଶିଶୁ ଅଧିକାର ଦିବସ ପାଳିତ ହୋଇଯାଇଛି । ଏହି ଦିବସ ଉପଲକ୍ଷେ ଶିଶୁ ସୁରକ୍ଷା ସମିତି ଯୋଡା ଶାଖାର ସଭାପତି ନିରଂଜନ ବହିଦାରଙ୍କ ଉଦ୍ୟମରେ ଶିଶୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଏହି କ୍ରମରେ ସମିତି ପକ୍ଷରୁ ପ୍ରାୟ ୧୫୦ ପାଖାପାଖି ଅବହେଳିତ ଶିଶୁଙ୍କୁ ନେଇ ସୁରକ୍ଷା ଦେଉଥିବା ଉକ୍ତ ସମିତି ପକ୍ଷରୁ ଏକ ସଚେତନତା ରାଲି ଯୋଡା କେନ୍ଦ୍ରୀୟ ଖେଳପଡିଆ ଠାରୁ ଆରମ୍ଭ କରି ପଶ୍ଚିମ ଯୋଡା ଠାରେ ଥିବା ଗାର୍ଲସ ଆର.ବି.ସି. ପର୍ଯ୍ୟନ୍ତ କରାଯାଇଥିଲା । ଏଥିରେ ପ୍ଲା-କାର୍ଡ ମାଧ୍ୟମରେ ଭିନ୍ନ ଭିନ୍ନ ସ୍ଲୋଗାନ ଲେଖାଯିବା ସହ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଥିଲା । ଶିଶୁ ଶ୍ରମିକ ବନ୍ଦ କର, ବାଲ୍ୟ ବିବାହ ବନ୍ଦ କର, ପ୍ରଜାପତି ବାଟ ଫୁଲ ଆଡକୁ ଶିଶୁଙ୍କ ବାଟ ବିଦ୍ୟାଳୟ ଆଡକୁ, ଶିଶୁ ପଢିବେ ପାଠ ଯୁବ କରିବେ କାମ, ଯୁବ ହେଲେ ଭରସା ଶିକ୍ଷା ହେବ ବରଷା, ଶିଶୁର ଅଧିକାର ପାଠ ପଢିବା ପ୍ରଭୃତି ସ୍ଲୋଗାନ ଦେଇ ସଚେତନତା ବାର୍ତ୍ତା ବାଣ୍ଟୁଥିବା ଦେଖିବାକୁ ମିଳିଥିଲା । ଶେଷରେ ଗାର୍ଲସ ଆର.ବି.ସି. ଠାରେ ସଭାପତି ନିରନ ବହିଦାରଙ୍କ ଦ୍ୱାରା ଏକ ସଭାର ଆୟୋଜନ କରାଯାଇ ଶିଶୁ ଅଧିକାର ବିଷୟରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସଭାପତିଙ୍କ ବ୍ୟତୀତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅସ୍ଥାୟୀ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି କାର୍ଯ୍ୟକ୍ରମ ପରେ ବିଭିନ୍ନ ଗ୍ୟାରେଜ୍‌ରେ କାର୍ଯ୍ୟ କରୁଥିବା ତିନୋଟି ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ଆଶ୍ରୟସ୍ଥଳକୁ ପାଠ ପଢାଇବା ପାଇଁ ହସ୍ତାନ୍ତର କରାଯାଇଥିଲା ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ମାଲକାନଗିରି ମହାବିଦ୍ୟାଳୟରେ ଏୟାର ଫୋର୍ସ ତରଫରୁ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

ମାଲକାନଗିର: ମାଲକାନଗିରି ମହାବିଦ୍ୟାଳୟରେ ଜିଲ୍ଲାପାଳ ବିଶାଳ ସିଂଙ୍କ ନିର୍ଦ୍ଦେଶ କ୍ରମେ ଭାରତୀୟ ବାୟୁ ବାହିନୀ, ଭୁବନେଶ୍ୱର ଏବଂ ଆଇକ୍ୟୁଏସିର ମିଳିତ ଉଦ୍ୟମରେ ଏକ କ୍ୟାରିୟର କାଉନସେଲି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଅଧକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି ମହେଶ୍ୱର ଚନ୍ଦ୍ର ନାୟକ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଆଇକ୍ୟୁଏସିସେଲ ର ସଂଯୋଜକ ଡ. ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିବା ସହିତ ସମସ୍ତ ସହଯୋଗ କରିଥିଲେ । ସାର୍କଂଟ ବିପିନ ରାଓ୍ୱତ ଏବଂ ଭୂପେନ୍ଦର ସିଂ ଯୋଗଦାନ କରି ଅଗ୍ନିପଥ ଯୋଜନା ମାଧମରେ କିପରି ଭାବେ ଭାରତୀୟ ବାୟୁ ସେନାରେ ଯୋଗଦାନ କରିହେବ ସେ ବିଷୟରେ ଉପସ୍ଥିତ ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇ ଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ନିଯୁକ୍ତି ଅଧିକାରୀ ମନସୀ ସେଠୀ ଯୋଗଦେଇ ଥିବାବେଳେ କନିଷ୍ଠ ନିଯୁକ୍ତ ଅଧିକାରୀ ଗୁପ୍ତ ମାଢ଼ୀ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ବାୟୁସେନାରେ ଯୋଗଦେବାକୁ ପରାମର୍ଶ ଦେବା ସହିତ ଉତ୍ସାହିତ କରିଥିଲେ । ଏମ.ଜି.ଏଚ.ଏଫ ସୁଶ୍ରୀ ସୁଧାଶୀ ସାହୁ ମଧ ଉପସ୍ଥିତ ଥିଲେ ।

ଏହି କାର୍ଯ୍ୟକ୍ରମରେ ଅଧାପକ ଡ଼. ଗୋକୁଳା ନନ୍ଦ ପାତ୍ର, ରମେଶ ଚନ୍ଦ୍ର ରାଉତ ଯୋଗ ଦେଇଥିବା ବେଳେ ଅଧାପିକା ପ୍ରେମରେଖା ଭୋକ୍ତା ଉପସ୍ଥିତ ଥିଲେ । ମହାବିଦ୍ୟାଳୟର ଏନ.ସି.ସି. ସ୍ୱେଚ୍ଛାସେବୀ ମାନେ କାର୍ଯ୍ୟରେ ସହଯୋଗ ପ୍ରଦାନ କରିବା ସହିତ ଏହି କାର୍ଯ୍ୟରେ ଅଂଶ ଗ୍ରହଣ କରିଥିଲେ ।

# କାଗଜ କଳ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ଉଚ୍ଚ କ୍ଷମତାପ୍ରାପ୍ତ ନିର୍ଦ୍ଦେଶକଙ୍କୁ ମିଟିଂକୁ ଡାକିବାକୁ ଜିଲ୍ଲାପାଳଙ୍କୁ ନିବେଦନ କଲା ଶ୍ରମିକ ସଂଘ

ଜୟପୁର: କୋରାପୁଟ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଜୟପୁର ସ୍ଥିତ ପେପର ମିଲ ଓ ଶ୍ରମିକ ସଂଗଠନ ଓ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପକ୍ଷରୁ ନିବେଦନ କରାଯାଇଛି ଯେ, ଆସନ୍ତା ବୈଠକକୁ କାଗଜ କଳ ର ନୂତନ କ୍ଷମତାପ୍ରାପ୍ତ ନିର୍ଦ୍ଦେଶକ ଓ ଅଧିକାରୀ ମାନଙ୍କୁ ଡକାଯାଉ ଯେଉଁମାନେ କୌଣସି ନିଷ୍ପତି ନେବାର ଅଧିକାର ଥିବ, କାରଣ ସ୍ଥାନୀୟ ମ୍ୟାନେଜମେଂଟ ଗତ ତିନି ବର୍ଷ ହେଲା କେବଳ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶନାରେ ଆମେ କାମ କରୁଛୁ, ଆମକୁ ଯାହା ନିର୍ଦ୍ଦେଶ ଅଛି ତାହା କରୁଛୁ ବୋଲି କହି ଆସୁଛନ୍ତି ।

ପ୍ରକାଶ ଯୋଗ୍ୟ ଯେ, ଗତ ନଭେମ୍ବର -୩ ତାରିଖରେ ଶ୍ରମିକ ସଂଗଠନ ଓ ଅବସରପ୍ରାପ୍ତ ଶ୍ରମିକ ମାନେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ କୋରାପୁଟ କଲେକ୍ଟୋରେଟ୍ ରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦୀର୍ଘ ସମୟ ଧରି କାରଖାନାର ସମସ୍ୟା ଓ ଶ୍ରମିକ ମାନଙ୍କ ସମସ୍ୟା ସମ୍ବନ୍ଧରେ ଆଲୋଚନା ପରେ ନଭେମ୍ବର ୧୧ ତାରିଖରେ ଇପିଏଫ ସହାୟକ କମିଶନର୍ ବ୍ରହ୍ମପୁର ଓ ଡି ଏଲ ଓ ଜୟପୁର ଏବଂ ସ୍ଥାନୀୟ ମ୍ୟାନେଜମେଂଟକୁ ଡାକି ବୈଠକ କରିଥିଲେ ଯେଉଁଠି ଇପିଏଫ ସହାୟକ କମିଶନର୍ ବ୍ରହ୍ମପୁର କହିଥିଲେ ଯେ, ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଶ୍ରମିକ ମାନଙ୍କ ଜମାରାଶି କଲିକତା ସ୍ଥିତ କରମ୍ ଚାନ୍ଦ୍ ଥାପର ପିଏଫ୍ ଟ୍ରଷ୍ଟ ରୁ ବ୍ରହ୍ମପୁର ଆଂଚଳିକ ପିଏଫ କମିଶନ୍ ଅଫିସ୍ କୁ ଆସିବ ଏବଂ ସମସ୍ତେ ପି ଏଫ୍ ଓ ପେନସନ ସୁବିଧା ପାଇବେ । ଏ ସମ୍ବନ୍ଧରେ ଆଲୋଚନା ପାଇଁ ପୁନର୍ବାର ୧୭ ନଭେମ୍ବର ରେ ଜିଲ୍ଲାପାଳଙ୍କ ଜୟପୁର ଗସ୍ତ ସମୟରେ ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ ସଂଗଠନ ମାନେ ମିଶିଥିଲେ ଏବଂ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଦେବା ସହ ଅନ୍ୟ ଦାବି ଯଥା କାର୍ଯ୍ୟରତ ଶ୍ରମିକମାନଙ୍କୁ ପୁରା ଦରମା ଓ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ବକେୟା ପାଉଣା ବିଷୟରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ଜିଲ୍ଲାପାଳ ମହୋଦୟ ନିଜେ ହସ୍ତକ୍ଷେପ କରି ଡିସେମ୍ବର ପ୍ରଥମ ସପ୍ତାହରେ ବୈଠକ ଡାକିବାକୁ ପ୍ରତିଶୃତି ଦେଇଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ଏ କାରଖାନାର ୨୦୧୯ ଏପ୍ରିଲ୍ ମାସରୁ ଉତ୍ପାଦନ ବନ୍ଦ ରହିଛି ଏବଂ ୨୦୨୦ ଫେବୃଆରୀ ମାସରେ ବିଜିନେସ୍ ଟ୍ରାନ୍ସଫର୍ ଏଗ୍ରିମେ[ ଜରିଆରେ ମ୍ୟାନେଜମେଂଟ ପରିବର୍ତନ ହୋଇଛି । ନୂତନ ମଦର ଆର୍ଥ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ କମ୍ପାନୀ ସେହି ବିଟିଏ କୁ ଦେଖେଇ ୨୦୨୦ ଜୁନ୍, ୮ ତାରିଖରେ ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କରୁ ୧୫୦ କୋଟି ଟଙ୍କା ଋଣ ନେଇ ପୁରୁଣା କମ୍ପାନୀ ମାଲିକକୁ ୧୦୦ କୋଟି ଟଙ୍କା ଦେଇ ଦେଇଛି । କିନ୍ତୁ, ଆଶ୍ଚର୍ଯ୍ୟର କଥା ଯେ, ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କ ଆଗେ ଋଣ ଦେଇ ପରେ ଏନ୍ ଓ ସି ମାଗିଛନ୍ତି ଏବଂ ଓଡ଼ିଶା ସରକାର କିଛି ଯାଂଚ୍ ନକରି କେଉଁ ଭରସାରେ ହାଇଦ୍ରାବାଦ ସ୍ଥିତ ଏହି କମ୍ପାନୀକୁ ଏନ୍ ଓ ସି ଦେଇଛନ୍ତି ତାହା ମଧ୍ୟ ଅନେକ ପ୍ରଶ୍ନ ସୃଷ୍ଟି କରୁଛି । ଶ୍ରମିକ ମାନଙ୍କୁ କୋଭିଡ୍ -୧୯ ମହାମାରୀ ଆଳରେ ୨୦୨୦ ରୁ ଗେଟ୍ ବନ୍ଦ କରି ରଖିବା ପରେ ବାରମ୍ବାର ଚାପ ପକାଇବାରୁ ଗତବର୍ଷ ୨୦୨୧ ନଭେମ୍ବର-୨୫ରୁ ଶ୍ରମିକ ମାନଙ୍କୁ ଡ୍ୟୁଟି ଯିବାକୁ ଦେଇଥିଲା । ସମସ୍ତଙ୍କୁ ଅଧା ଦରମା ଅଗ୍ରୀମ ଆକାରରେ ଦେଉଛି, ତାହା ମଧ ଦୁଇ ମାସ ତିନି ମାସ ପରେ । ଗତ ମେ ୨୦୨୨ ରୁ ଉତ୍ପାଦନ ଆରମ୍ଭ ହୋଇଥିଲା ବେଳେ କଂଚାମାଲ୍ କେମିକାଲ କୋଇଲା ଅଭାବରୁ ଉତ୍ପାଦନ ବନ୍ଦ ରହୁଛି । ନଭେମ୍ବର-୫ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ରହିଛି । ତିନିବର୍ଷ ହେଲା ଶ୍ରମିକ ମାନେ ହନ୍ତସନ୍ତ ହେଉଥିବା ବେଳେ ଉତ୍ପାଦନ ପ୍ରକ୍ରିୟା ସ୍ୱାଭାବିକ ହୋଇପାରି ନାହିଁ । ସବୁଠାରୁ ଉଦବେଗଜନକ ବିଷୟ ହେଉଛି ଜୟପୁରର କାଠ ଯୋଗାଣକାରୀ ସଂସ୍ଥାମାନଙ୍କର କୋଟି କୋଟି ଟଙ୍କା ବାକି ଥିବା ବେଳେ ଦିଲ୍ଲୀରୁ ରାଜୀବ ଓ୍ୱଢେରା ନାମକ ଉଚ୍ଚ ଅଧିକାରୀ ନାଲି କନାରେ ବହିକୁ ଢାଙ୍କି ଭାଗବତ ଗୀତା ଛୁଇଁ କହୁଛି ସବୁ ସପ୍ତାହରେ କାଠ ପାଉଣା ଦିଆଯିବ କହି ପ୍ରତିଜ୍ଞା କରି ମଧ ଦେଲେ ନାହିଁ । ଆଜି ଦିନରେ ସେମାନଙ୍କର ଲକ୍ଷ ଲକ୍ଷ ଟଙ୍କା ବାକି ପଡ଼ିଛି । ଏସବୁ ଦୃଷ୍ଟିରୁ ନିର୍ଣ୍ଣାୟକ ନିଷ୍ପତି ନେବା ପାଇଁ ଯେଉଁ ମାନେ ବିଟିଏ ଦସ୍ତଖତ କରିଛନ୍ତି ସେମାନଙ୍କୁ ଡାକିବାକୁ ୟୁନିଅନ ନେତା ପ୍ରମୋଦ କୁମାର ମହାନ୍ତି ଓ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପକ୍ଷରୁ ଶ୍ରୀ ପ୍ରକାଶ ଚୌ ।ଧୁରୀ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି ।

# ଫ୍ୟାସନ ପାଲଟିଛି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଶ୍ଳୀଳ ନୃତ୍ୟ, କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

ଖୋର୍ଦ୍ଧା: ଜିଲାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏବେ ଫ୍ୟାସନ ପାଲଟିଛି ଅଶ୍ଳୀଳ ନୃତ୍ୟ । ତେବେ ଅକ୍ଟୋବର ମାସରେ ହୋଇଥିବା କାଳୀ ପୂଜାରେ ଖୋର୍ଦ୍ଧା ଜିଲ୍ଲା ରାଜସୁନାଖଳା ନିକଟ ବିନୋଦପଡ଼ା ଠାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲା । ମଂ ଉପରେ କଳାକାର ଅଶ୍ଳୀଳ ନୃତ୍ୟ ପରିବେଷଣ କରିଥିଲେ । ଏହି ଅଶ୍ଳୀଳ ନୃତ୍ୟର ଭିଡିଓ ଭାଇରାଲ୍ ହେବାରେ ଲାଗିଥିଲା । ତେବେ ଉକ୍ତ ମଂଚରେ ପରିବେଷିତ ଅଶ୍ଳୀଳ ନୃତ୍ୟକୁ ଆପତ୍ ଇ[ରନ୍ୟାସନାଲ ହ୍ୟୁମାନରାଇଟ୍ସ କମିଶନର ଓଡ଼ିଶା ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଛି । ଅନୁଷ୍ଠାନର ମୁଖ୍ୟ ଡା. ଶିବସୁନ୍ଦର ସ୍ୱାଇଁ ଏଭଳି କାର୍ଯ୍ୟକ୍ରମ ସଂସ୍କୃତି ଓ ପରମ୍ପରା ବିରୋଧୀ ବୋଲି ଅଭିଯୋଗ ଆଣଛନ୍ତି ।ରାଜ୍ୟ ସରକାର ଏଭଳି କାର୍ଯ୍ୟକ୍ରମର ଆୟୋଜକ, କଳାକାର ଓ ସାଉଣ୍ଡ ବଜାଇବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ସହ ଏଭଳି ଅଶ୍ଳୀଳ ନୃତ୍ୟ ବନ୍ଦ କରିବାକୁ ଦାବି କରିଛନ୍ତି । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି ।

ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ନିର୍ଦ୍ଦେଶକ ଇଂ. ଶଶାଙ୍କ ଶେଖର ପଣ୍ଡା ଓ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ନାରାୟଣ ସାହୁ, ଜିଲ୍ଲା ଭାଇସ୍ ପ୍ରେସିଡେଂଟ ବଚନ୍ଦନ ଅଗ୍ରୱାଲ ଓ ଦେବାଶିଷ ମହାନ୍ତି ପ୍ରମୁଖ ଦାବି ପତ୍ର ନେଇ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏଭଳି ଅଶ୍ଳୀଳ ନୃତ୍ୟ ବନ୍ଦ କରିଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟରେ ଶେଷ କରାଯାଉ, କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କ ପ୍ରଶାସନିକ ସମୀକ୍ଷା ବୈଠକ

ଭଦ୍ରକ: ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କ ଭଦ୍ରକ ଜିଲ୍ଲା ଗସ୍ତ ଅବସରରେ ଆଜି ସଦ୍‌ଭାବନା ସଭାଗୃହରେ ଏକ ପ୍ରଶାସନିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଗସ୍ତ କାର୍ଯ୍ୟସୂଚୀ ଅନୁଯାୟୀ ମାନ୍ୟବର ମନ୍ତ୍ରୀ ଶ୍ରୀ ମୁଣ୍ଡା ସକାଳେ ମା’ ଭଦ୍ରକାଳୀଙ୍କୁ ଦର୍ଶନ କରି ପୂର୍ବାହ୍ନ ୧୦ଘ.୩୦ମି.ରେ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଦୁଇ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଓ ଶାନ୍ତନୁ କୁମାର ମହାନ୍ତି, ସି.ଡ଼ି.ଓ. ପ୍ରତାପ ପ୍ରୀତିମୟ ପ୍ରମୁଖ ଯୋଗ ଦେଇଥିଲେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମାନ୍ୟବର ମନ୍ତ୍ରୀ କୃଷି, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଯୋଗାଣ, ଶିଶୁ ସୁରକ୍ଷା, ସାମାଜିକ ସୁରକ୍ଷା, ଜିଲ୍ଲା ମଙ୍ଗଳ ବିଭାଗ, ଆର୍.ଡ଼ି. ଆଦି ବିଭାଗ ଜରିଆରେ କର୍ଯ୍ୟକାରୀ ହେଉଥିବା କେନ୍ଦ୍ରୀୟ ଯୋଜନା ସବୁର ରୂପରେଖ କାର୍ଯ୍ୟାନ୍ୱୟନ ନେଇ ସମୀକ୍ଷା କରିବା ସହିତ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ । ପ୍ରଥମେ ଜିଲ୍ଲାପାଳ ଜିଲ୍ଲାର ବ୍ଲକ, ପଂଚାୟତ ସଂଖ୍ୟା, ଜନ ସଂଖ୍ୟା, ଜୀବନ ଜିବୀକା, କୃଷି ଅମୃତ ସରୋବର, ଅଙ୍ଗନବାଡ଼ି ପ୍ରକଳ୍ପ ଆଦି ସମ୍ବନ୍ଧରେ ସମ୍ୟକ୍ ସୂଚନା ପ୍ରଦାନ କଲାପରେ ସଂପୃକ୍ତ ଅଧିକାରୀମାନେ ନିଜ ନିଜ ବିଭାଗର କାର୍ଯ୍ୟଧାରା ଓ ସଫଳତା ନେଇ ଉପସ୍ଥାପନ ରଖିଥିଲେ । ସାମାଜିକ ସୁରକ୍ଷା ଯୋଜନାରେ ଜାତୀୟ ସାମାଜିକ ସହାୟତା ପେନ୍‌ସନ୍ ଯୋଜନାରେ ଇନ୍ଦିରାଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତା, ବିଧବା ଭତା ଓ ଭିନ୍ନକ୍ଷମ ଭତା ମିଶି ଜିଲ୍ଲା ପାଇଁ ୬୨୪୬୯ ଧାର୍ଯ୍ୟ ଲକ୍ଷରେ ୬୧,୭୯୨ ପୂରଣ ହୋଇଥିବା, ଜାତୀୟ ଖାଦ୍ୟ ନିରାପତା ଆଇନ-୨୦୧୩ ଆଧାରରେ ଜିଲ୍ଲାରେ ୩,୧୯,୫୧୮ ପରିବାର ର ୧୧,୮,୫୬୮ ଲୋକଙ୍କ ପାଇଁ ମାସିକ ୬୫,୧୧୨.୭୦ କ୍ୱି. ଚାଉଳ ଯୋଗାଣ ଏବଂ ନଭେମ୍ବର ୨୨ ସୁଦ୍ଧା ବଂଟନ ପ୍ରକ୍ରିୟା ଶେଷ ହେବା, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୩,୨୬, ୩୩୨ ପରିବାର ୧୧,୩୬,୩୯୦ ଲୋକଙ୍କୁ ମାସିକ କ୍ୱି ୪୪୫୭.୦୯ ଚାଉଳ ଓ କ୍ୱି ୧୧,୩୫୭.୩୧ ଗହମ ଯୋଗାଣ ଓ ଅକ୍ଟୋବରେ ୨୨ ସୁଦ୍ଧା ଏହା ଶେଷ ହୋଇଥିବା, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଏକ କୋଟିରୁ ଅଧିକ ବ୍ୟୟରେ ୧୩ଟି ନିର୍ମାଣ ପ୍ରକଳ୍ପ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ମୃତିକା ସ୍ୱାସ୍ଥ୍ୟ କାର୍ଡ଼ ଯୋଜନାରେ ଧାର୍ଯ୍ୟଲକ୍ଷ୍ୟ ୧୫୦୦୦ ରୁ ୫,୨୦୦ ପ୍ରଦାନ କରାଯାଇଥିବା, କେନ୍ଦ୍ର ସରକାରଙ୍କ ପୃଷ୍ଠପୋଷକତାରେ ଶିଶୁ ସୁରକ୍ଷା ଯୋଜନାରେ ଜିଲ୍ଲାପାଇଁ ମିଶନ୍ ବାତ୍ସଲ୍ୟରେ ୨୧, ୩୧,୦୦୦ରୁ ଅଦ୍ୟାବଧି ୧୪,୭୪,୮୧୭ ବ୍ୟୟ କରାଯାଇଥିବା, ବେଟି ପଢ଼ାଓ ବେଟି ବଚାଓରେ ୨୫ ଲକ୍ଷରୁ ୧,୮,୫୨୦ ଖର୍ଚ୍ଚ ହେବା, ପି.ଏମ୍ କେୟାର୍ସ ଫର୍ ଚିଲଡ୍ରେନ୍‌ରେ ୨ଟି ପରିବାରରୁ ୫ଟି ପିଲାଙ୍କୁ ଚିହ୍ନଟ କରାଯାଇ ମାର୍ଗଦର୍ଶିକା ଅନୁଯାୟୀ ପଦକ୍ଷେପ ନିଆଯିବା ଆଦି ଦିଗରେ ତଥ୍ୟ ମୂଳକ ସମୀକ୍ଷା କରିବା ସହିତ ଜିଲ୍ଲାରେ ଏସ୍.ଟି.ଏସ୍.ସି.ଙ୍କ କଲ୍ୟାଣ ପାଇଁ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଜରିଆରେ ବିଭିନ୍ନ ସ୍କୁଲ, ହଷ୍ଟେଲ, ସେବାଶ୍ରମ ସ୍କୁଲ, ୫୦ ଶତକଡ଼ାରୁ ଅଧିକ ଏସ୍.ସି. ଲୋକ ବାସ କରୁଥିବା ଗ୍ରାମର ସର୍ବବିଧ ଉନ୍ନୟନ କାର୍ଯ୍ୟ ସମ୍ବନ୍ଧରେ ମଧ ସମୀକ୍ଷା କରିଥିଲେ । ମାତ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟରେ ପଛରେ ରହିଯାଉଥିବାରୁ ଏ ଦିଗରେ ଜିଲ୍ଲା ପ୍ରଶାସନ ଅଧିକ ତତ୍ପର ହେବାକୁ ନିର୍ଦ୍ଦେଶ ଦେଇଥିଲେ । ତିହିଡ଼ି ବ୍ଲକରେ ଶୌଚାଳୟ ନିର୍ମାଣ ନହୋଇ ଟଙ୍କା ଉଠାଯାଇଥିବା ଘଟଣା ନେଇ ମନ୍ତ୍ରୀଙ୍କ ନିକଟକୁ ଅଭିଯୋଗ ଆସିଥିବାରୁ ତାର ତଦନ୍ତ କରିବା ପାଇଁ ମଧ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

# ବାଲିଆ ବାଣ ବିସ୍ଫୋରଣ, ଘଟଣାସ୍ଥଳ ଅନୁଧ୍ୟାନ କଲେ କେନ୍ଦ୍ରାଂଚଳ ଆଇଜି ନରସିଂହ ଭୋଳ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ସଦର ଥାନା ଅଧିନ ଓ କଟକ-ଚାନ୍ଦବାଲି ରାସ୍ତାର ବାଲିଆ ବଜାର ଠାରେ ବୁଧବାର ରାତି ୯ଟା ବେଳେ ଘଟିଥିବା ବାଣ ବିସ୍ଫୋରଣ ଘଟଣା ସମଗ୍ର ଜିଲ୍ଲା ସମେତ ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି । ଏହି ବିସ୍ଫୋରଣରେ କାର୍ତିକେଶ୍ୱର ଭସାଣୀ ଦେଖୁଥିବା ଦେଖଣାହାରୀଙ୍କ ମଧ୍ୟରୁ ଓ ଦୋକାନ କରିଥିବା କିଛି ବ୍ୟକ୍ତି ଆହତ ହୋଇ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନା ଓ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି । ତେବେ ଗୁରୁବାର ପୂର୍ବାହ୍ନ ୧୧ଟା ସମୟରେ କେନ୍ଦ୍ରାଂଚଳ ଆଇଜି ନରସିଂହ ଭୋଳ ଘଟଣା ସ୍ଥଳ ପରିଦର୍ଶନ କରି ବିସ୍ଫୋରଣ ସ୍ଥଳ ବାଲିଆ ବଜାରରେ ପହଁଚି ବିସ୍ଫୋରଣ ଜନିତ କ୍ଷୟକ୍ଷତି ଓ ଏହାର ପ୍ରଭାବ ଅନୁଧ୍ୟାନ କରିବା ସହ ସ୍ଥାନୀୟ ଅଂଚଳ ବାସିନ୍ଦାଙ୍କ ସହ ଆଲୋଚନା କରି ତଦନ୍ତ କରିଥିବା ଜଣାପଡିଛି । ଘଟଣାସ୍ଥଳ ରେ ଶ୍ରି ଭୋଳଙ୍କ ସହ ଏସପି ସନ୍ଦିପ ସମ୍ପଦ ମଡକର, ତହସିଲଦାର ଡ଼ଃ ହେମଲତା ବାହାଲିଆ, ଏସଡିପିଓ ଜୟନ୍ତ ମହାପାତ୍ର, ସଦର ଥାନା ଅଧିକାରୀ ପବିତ୍ର ମହାରଣା ପ୍ରମୁଖ ବିସ୍ଫୋରଣ ସ୍ଥଳ ଅନୁଧ୍ୟାନ କରିଥିଲେ । ଏଠାରେ ସୂଚନା ଯୋଗ୍ୟ ବୁଧବାର ଅପରାହ୍ନରୁ ଆରମ୍ଭ ହୋଇଥିବା କାର୍ତିକେଶ୍ୱର ଭସାଣୀ ଉତ୍ସବରେ ପ୍ରାୟ ୧୦ଟି ମେଠ ଭାଗ ନେଇଥିବା ବେଳେ ପୋଲିସର ଅନୁମତି ନଥାଇ ଉଚ୍ଚ ସ୍ୱରରେ ଡିଜେ ବଜାଇବା, କଟକ-ଚାନ୍ଦବାଲି ରାସ୍ତାକୁ ଅବରୋଧ କରି ମେଢ ଶୋଭାଯାତ୍ରା କରିବା ସହ ବାଣ ଫୁଟାଇବା ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଏଥିରେ ଆସମାନ ଗୋଲା ନାମକ ବାଣ ଉପରକୁ ଯିବା ପରିବର୍ତେ ଅଣେଇ ହୋଇ ଜନ ଗହଳି ଭିତରେ ଫୁଟିବା ସହ ବାଣ ଗଚ୍ଛିତ ଥିବା ସ୍ଥାନରେ ନିଆଁ ଲାଗି ପ୍ରଚଣ୍ଡ ବିସ୍ଫୋରଣ ହେଇଥିଲା । ଏଥିରେ ମୋଟ ୩୯ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦ ଜଣ ସଂକଟାପନ୍ନ ଅବସ୍ଥାରେ କଟକ ଡାକ୍ତରଖାନା ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ଗୁରତୁତର ହୋଇଥିବା ୨୪ ଜଣ ପ୍ଲାଷ୍ଟି ସର୍ଜରୀ ଓ୍ୱାର୍ଡରେ ଚିକିତ୍ସାଧୀନ ଅଛନ୍ତି । ଅବଶିଷ୍ଟ ୫ ଜଣ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଜଣାପଡିଛି ।

# ପୌର ପରିଷଦରେ ଡ୍ରେନ ନିର୍ମାଣ ନେଇ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ପରାମର୍ଶ

କନ୍ଧମାଳ: ଫୁଲବାଣୀ ପୌରପରିଷଦର ସର୍କୁଲାର ରୋଡରେ ବହୁ ଅବ୍ୟବସ୍ଥା ରେ ଡ୍ରେନ ନିର୍ମାଣ ହେଉଛି । କନ୍ଧମାଳ ଜିଲ୍ଲା ଓ ଫୁଲବାଣୀ ସହରର ବର୍ଦ୍ଧିତ ଜନସଂଖ୍ୟା କୁ ଦୃଷ୍ଟିରେ ରଖି ରାସ୍ତା ଚଉଡା ହେବା ଆବଶ୍ୟକ । ଟାଉନ ପ୍ଲାନିଂ ତଥ୍ୟ ଅନୁସାରେ ୬୬ଫୁଟ ରାସ୍ତା ରହିଛି । ଏବଂ ଭିଜନ ୨୦୪୦ ଅନୁସାରେ ୮୨ଫୁଟ ରାସ୍ତା ପାଇଁ ବ୍ୟବସ୍ଥା କରିବା ଆବଶ୍ୟକ ।କିନ୍ତୁ ଏସବୁକୁ ଅଣଦେଖା କରି ୩୦-୪୦ ଫୁଟରୁ କମ ରାସ୍ତାରେ ଡ୍ରେନ ନିର୍ମାଣ ହେଉଥିବାରୁ ମିଳିତ ନାଗରିକ କମିଟି କନ୍ଧମାଳ ଆବାହକ ଅଶୋକ ପରିଡା,ସଦସ୍ୟ ରାଜ କିଶୋର ପାଢୀ,ଉମେଶ ପ୍ରସାଦ ପାତ୍ର,ଗିରିଷ ପଟ୍ଟନାୟକ ପ୍ରମୁଖଙ୍କ ପକ୍ଷରୁ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା ।ଏଭଳି ଡ୍ରେନ ନିର୍ମାଣ ଫଳରେ ରାସ୍ତା ଜବର ଦଖଲ ବଢିବ,ଗାଡି ମଟର ଯିବାରେ ବହୁ ଅସୁବିଧା ହେବ ।ତାର ବିଚାର ପାଇଁ ନ୍ୟାୟାଧିଶ ତଥା ଅଧକ୍ଷ ସନ୍ତୋଷ କୁମାର ନାୟକ ଏଥିରେ ପକ୍ଷ ଥିବା ପୌର ପରିଷଦ,ରାସ୍ତା ଓ କୋଠାବାଡି ବିଭାଗ, ଟାଉନ ପ୍ଲାନିଂ ଓ ତହସିଲଦାରଙ୍କୁ ଡାକି ପ୍ରଥମେ ରାସ୍ତା ଚିହ୍ନଟ ପରେ ଡ୍ରେନ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ ।ସରକାରୀ ଅର୍ଥ ଅପବ୍ୟୟ ନ କରି ସଦବିନିଯୋଗ ହେବା ସହ ଜନ ସାଧାରଣ ଉପକୃତ ହେବାଭଳି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।ରାସ୍ତା ଜବରଦଖଲ ତୁରନ୍ତ ହଟାଇବାକୁ ପୌର ପରିଷଦ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ।ପୌର ପରିଷଦର ସମସ୍ୟା ସମାଧାନ ପାଇଁ ପ୍ରତି ଦୁଇମାସ ରେ ସମନ୍ୱୟ ବୈଠକ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେବାକୁ ଅଧକ୍ଷ ପରାମର୍ଶ ଦେଇଛନ୍ତି ।ରାସ୍ତା ଚଉଡା ନ ରହିଲେ ଜାନିଯାତ୍ରା ସମୟରେ ଜନ ସମାଗମ ବେଳେ ଦଳାଚକଟା ହେବାର ଆଶଙ୍କା ରହିଛି ।

# ପାରିବାରିକ କଳହକୁ ନେଇ ହତ୍ୟା ଅଭିଯୋଗ

ଭଦ୍ରକ:ଭଦ୍ରକ ଜିଲା ପୀରହାଟ ଥାନା ଦୌଲତପୁର ପଂଚାୟତ ଅଧିନ ଖେଦରପୁର ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଏକ ପାରିବାରିକ କଳହକୁ ନେଇ ଗଣ୍ଡଗୋଳ ଉପୁଜିଥିଲା । ଏହି ଗଣ୍ଡଗୋଳରେ ବାବୁଆ ଦାସ(୫୦) ନାମକ ଜଣେ ବ୍ୟକ୍ତିଙ୍କୁ ତାଙ୍କ ପରିବାର ଲୋକ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି । ବାବୁଆ ଦାସଙ୍କ ମା’ ବେଙ୍ଗ ଦାସଙ୍କ ଅଭିଯୋଗ କ୍ରମେ ପୁଲିସ ୧୯୬/୨୨ ଦଫା ୩୦୨, ୩୦୭, ୩୨୩, ୩୨୪, ୩୨୫, ୩୨୬, ୩୪୨, ୫୦୬ ଓ ୩୪ ଆଇପିସି ବଳରେ ଏକ ମକଦ୍ଦମା ରୁଜୁକରି ତଦନ୍ତ ଚଳାଇଛି । ପ୍ରକାଶ ଯେ, ଖେଦରପୁର ଗ୍ରାମର ବାବୁଆ ଦାସ ଓ ତାଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେବ ପାରିବାରିକ କଳହ ଲାଗି ରହିଥିଲା । ବୁଧବାର ରାତିରେ ଏହିକଳହ ଉଗ୍ରରୂପ ନେଇଥିଲା । ଯାହାଫଳରେ ବାବୁଆ ଦାସଙ୍କୁ ତାଙ୍କ ପତ୍ନୀ, ତିନି ପୁଅ ଓ ଝିଅ ମିଶି ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ବାବୁଆ ଗୁରୁତର ଆହତ ହୋଇଥିଲେ । ବାବୁଆଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ତିହିଡ଼ି ପରେ ଭଦ୍ରକ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା ।

# ପୋଖରୀରୁ ମାଛ ଚୋରି କରି ପାଣିରେ ଦାଦା ପୁତୁରା ବୁଡି ମରିବା ଘଟଣା, ନୂଆ ମୋଡ ନେଲା

ଧର୍ମଶାଳା:ରାତି ଅଧରେ ପୋଖରୀରେ ମାଛ ଚୋରି କରିବା ସମୟରେ ପାଣିରେ ବୁଡି ଦାଦା ପୁତୁରା ମୃତ ଘଟଣା ଏବେ ନୂଆ ମୋଡ ନେଇଛି । ଏହି ଘଟଣା ଏକ ଯୋଜନାବଦ୍ଧ ହତ୍ୟା ବୋଲି ପରିବାର ଲୋକେ ଅଭିଯୋଗ ଆଣିଛନ୍ତି । ମୃତକଙ୍କ ପରିବାରର ସଭ୍ୟ ସନାତନ ମଲିକ ଯାଜପୁର ସଦର ଥାନାରେ ଭାଇ ଓ ପୁଅକୁ ଘରୁ କାମ କରିବାକୁ ଡାକି ନେଇ ପିଟି ପିଟି ପୋଖରୀରେ ବୁଡେଇ ମାରି ଦେଇଥିବା ଅଭିଯୋଗ କରିଛନ୍ତି । ତେବେ ଏହି ଘଟଣାକୁ ସଦର ପୋଲିସ ଗୁରୁତର ସହ ନେଇ ଘଟଣାର ତଦନ୍ତ ଆରମ୍ଭ କରିଛି । ଏବଂ ଏହି ଘଟଣାରେ ପୋଲିସ ଆଜି ସାଇଁଟିଫିକ ଦଳର ସହାୟତା ନେଇନ୍ତି । ଅପରାହ୍ନରେ ଯାଜପୁରର ଏକ ସାଇଁଟିଫିକ୍ ଦଳ ପ୍ରଥମେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପଂହଚି ଶବ ଦୁଇଟିକୁ ଯାଂଚ କରିଛନ୍ତି । ପରେ ଅଳପୁର ପୋଖରୀରେ ପଂହଚି ପାଣି ନମୂନା ସଂଗ୍ରହ କରିବା ସହ ଏହାର ଚତୃପାର୍ଶ୍ୱକୁ ତଦନ୍ତ କରି ଫେରିଛନ୍ତି । ଅନ୍ୟପକ୍ଷେ ଏହି ଘଟଣାର ସହଯୋଗୀ ପ୍ରଶାନ୍ତ ଥାନାରେ ଅଟକ ରହିଛି । ପୁଲିସ ୩୨୩/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର ପ୍ରକୃତ କାରଣ ଜଣାପଡିବ ବୋଲି ସଦର ଥାନା ଅଧିକାରୀ ମାନସ ରଂଜନ ଚକ୍ର ପ୍ରକାଶ କରିଛନ୍ତି ।

ସୂଚନା ଥାଉକି, ଯାଜପୁର ସଦର ଥାନା ରସୁଲପୁର ବ୍ଲକ ଅନ୍ତର୍ଗତ ଅର୍ଥଙ୍ଗା ପଂଚାୟତ ଅଳପୁଆ ଗାଁ ପୋଖରୀରେ ବୁଧବାର ଅପରାହ୍ନରେ ଅଗ୍ନିଶମ ବିଭାଗ ପାଣିରୁ ଉଦ୍ଧାର କରିଥିଲା ଦୁଇ ଶବ । ଏହା ଯାଜପୁର ସଦର ଥାନା ଅନ୍ତର୍ଗତ ସାମନ୍ତରାପୁର ପଂଚାୟତ ରସୁଣା ଗ୍ରାମର ବାବାଜି ମଲିକଙ୍କ ପୁଅ ଅନାମ(୫୫) ଓ ସନାତନ ମଲିକଙ୍କ ପୁଅ ସୁକଦେବ(୩୨)ଙ୍କର ମୃତଦେହ ବୋଲି ଚିହ୍ନଟ ହୋଇଥିଲା ।

ସୋମବାର ସନ୍ଧ୍ୟା ୭ଟା ସମୟରେ ୩ ଜଣ ପୋଖରୀରୁ ମାଛ ଚୋରି କରିବାକୁ ଯୋଜନା ପାଂଚି ଥିଲେ । ହେଲେ ଏହି ମାଛ ଧରିବାରେ ସଫଳ ହୋଇପାରି ନ ଥିଲେ । ଅର୍ଥଙ୍ଗା ପଂଚାୟତ ଅଳପୁଆ ଗ୍ରାମର ବାବୁଲି ମଲିକଙ୍କ ପୁଅ ପ୍ରଶାନ୍ତ (୨୬) ନିଜ ଗାଁ ପୋଖରୀରୁ ମାଛ ଧରିବା ପାଇଁ ଯୋଜନା କରି ସାମନ୍ତରାପୁର ପଂଚାୟତ ରସୁଣା ଗ୍ରାମର ଅନାମ ଓ ବାବାଜିଙ୍କ ସହଯୋଗ ଲୋଡିଥିଲେ । ପୋଖରୀରୁ ମାଛ ଧରିବା ପାଇଁ ସାଇକେଲ ଯୋଗେ ତିନି ଜଣ ସୋମବାର ରାତିରେ ଯୋଜନାବଦ୍ଧଭାବେ ପୋଖରୀ କୂଳରେ ପଂହଚି ଥିଲେ । ଅନାମ ଓ ଶୁକଦେବ ଦୁହେଁ ସାଇକେଲ ଯୋଗେ ଜାଲ ଧରି ପୋଖରୀ କୂଳରେ ପଂହଚି ପୋଖରୀରେ ଜାଲ ବିଛାଇ ଥିଲେ । ବିଳମ୍ବିତ ରାତିରେ ପୋଖରୀ ନିକଟରେ ଥିବା ଗାଁ ଲୋକେ ପୋଖରୀରେ କେହି ମାଛ ଧରୁଥିବା ଜାଣିବାକୁ ପାଇଥିଲେ । ପାଟିତୁଣ୍ଡ ହେବା ଫଳରେ ଘଟଣାସ୍ଥଳରୁ ପ୍ରଶାନ୍ତ ଫେରାର ହୋଇ ଯାଇଥିଲା । ପରେ ଅନାମ ଓ ଶୁକଦେବ ଭୟରେ ଗଭୀର ପାଣି ଭିତରରେ ଛପି ରହି ଯାଇଥିଲେ । ଘରକୁ ନଫେରିବା ଯୋଗୁ ଘର ଲୋକେ ଖୋଜାଖୋଜି କରିଥିଲେ । ଏନେଇ ବୁଧବାର ଅପରାହ୍ନରେ ପରିବାର ଲୋକେ ଯାଜପୁର ସଦର ଥାନାରେ ନିଖୋଜ ହୋଇଯିବା ନେଇ ଏତଲା ଦେଇଥିଲେ । ପରେ ପ୍ରଶାନ୍ତ ସାଇକେଲ ଧରି ରସୁଣା ଗ୍ରାମକୁ ଯାଇଥିଲେ । ସେମାନେ ଘରକୁ ଆସିଛନ୍ତି କି ନାହିଁ ଘର ଲୋକଙ୍କଠାରୁ ପଚାରି ବୁଝିଥିଲେ । ଫଳରେ ଉଭୟ ପରିବାରଙ୍କର ପ୍ରଶାନ୍ତ ଉପରକୁ ସନ୍ଦେହ କରିଥିଲେ । ପରେ ସେମାନେ ପ୍ରଶାନ୍ତଙ୍କ ନାମ ଥାନାରେ ଜଣାଇଥିଲେ । ପରେ ସେହି ବୁଧବାର ପୂର୍ବାହ୍ନରେ ପୋଖରୀରେ ଦୁଇଟି ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖି ସଦର ଥାନାକୁ ଖବର ଦେଇଥିଲେ । ପୁଲିସ ବରୀ ଅଗ୍ନୀଶମ ବିଭାଗର ସହାୟତା ନେଇ ପାଣିରୁ ଦୁଇଟି ମୃତଦେହ ଉଦ୍ଧାର କରିଥିଲା । ଶବ ବ୍ୟବଚ୍ଛେଦ ନିମନ୍ତେ ମୃତଦେହ ଦୁଇଟିକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲା । ଆଜି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତରିତ କରାଯିବ ବୋଲି ସଦର ପୋଲିସ କହିଛି ।

# ଶ୍ରୀମନ୍ଦିରରେ ଦେବ ଦୀପାବଳୀର ତୃତୀୟ ଦିବସ

ପୁରୀ: ଶ୍ରୀମନ୍ଦିରରେ ଦେବ ଦୀପାବଳୀର ତୃତୀୟ ଦିବସରେ ମହାପ୍ରଭୁ ଶ୍ରାଦ୍ଧ ବେଶରେ ଆଜି ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚାଙ୍କୁ ଶ୍ରାଦ୍ଧ ଦେଇଛନ୍ତି । ଗତ ଦୁଇ ଦିନ ପରି ଦେଉଳରେ ଯେପରି ଶ୍ରାଦ୍ଧ ନୀତି ହେଉଥିଲା ସେଇପରି ଆଜି ମଧ୍ୟ ଅନୁଷ୍ଠିତ ହୋଇଛି । କିନ୍ତୁ, ଆଜି ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞା ମାଳ ପାଇବା ପରେ ମହାଜନ ସେବକମାନେ ଠାକୁର, ଠାକୁରାଣୀଙ୍କୁ ହାତରେ ବିଜେ କରାଇ ଜୟ ବିଜୟ ଦ୍ୱାର ଭିତର ପାଖରେ ହୋଇଥିବା ଚାଉଳ ଗଛ ନିକଟରେ ଛିଡା ହୋଇଥିଲେ । ଏଠାରେ ପୂଜାପଣ୍ଡା ଉକ୍ତ ଚାଉଳ ଗଛକୁ ସଂସ୍କାର କରିଥିଲେ । ପଢ଼ିଆରୀ ଜୟବିଜୟ ଦ୍ୱାର ଫିଟାଇଲା ପରେ ମହାଜନମାନେ ଦିଅଁମାନଙ୍କୁ ଝୁଲଣ ମଣ୍ଡପ ତଳେ ଥିବା ବିମାନକୁ ବିଜେ କରିଥିଲେ । ରୁନ୍ଧାବଢ଼ି, ମାଳ ଫୁଲ ଲାଗି ହୋଇ ବିମାନ ବଡୁ ମାନଙ୍କ ଦ୍ୱାରା ବିମାନ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିଥିଲେ । ସେଠାରେ ମୁଳିଆ ସୁଆଁସିଆ ଦେଇଥିବା କାଠ ଭଦ୍ରାସନ ଉପରେ ଆସ୍ଥାନ, ପଢ଼ିଆରୀ କରିଥିବା ଚାଉଳ ଗଛରେ ଦୀପ ବସାଇଥିଲେ । ମୁଦିରସ୍ତ ପ୍ରସାଦ ଲାଗି କଲାପରେ ପୂଜାପଣ୍ଡା ଚାଉଳ ଗଛକୁ ସଂସ୍କାର କରିଥିଲେ । ଏହାପରେ ମୁଦିରସ୍ତ ବନ୍ଦାପନା କଲାପରେ ବିଜେ ପ୍ରତିମାମାନେ ଶ୍ରୀମନ୍ଦିର ବାହୁଡ଼ା ବିଜେ କରିଥିଲେ ।

ଶ୍ରାଦ୍ଧ ବେଶରେ ଠାକୁରମାନେ ଧଳା ବସ୍ତ୍ର ପରିଧାନ କରିଥାନ୍ତି । କିନ୍ତୁ, ପ୍ରତ୍ୟେକ ଠାକୁରଙ୍କ ଧଡ଼ି ଗୁଡିକ ଭିନ୍ନ ରଙ୍ଗର ହୋଇଥାଏ । ନିମ୍ନରେ ଠାକୁରମାନଙ୍କ ବସ୍ତ୍ରର ମାପ ଓ ଧଡ଼ି ରଙ୍ଗର ବର୍ଣ୍ଣନା ପ୍ରଦତ କରାଗଲା ।

**ଶ୍ରୀଜଗନ୍ନାଥ :** ସୂତାଶାଢ଼ି (ନାଗପୁରୀ ଶାଢ଼ି) ଲମ୍ବା ୧୬ ହାତ କିମ୍ବା ୧୮ ହାତ, ଧଡ଼ି ଓସାର ଏକ ଫୁଟ ଅଟେ । ଉକ୍ତ ବସ୍ତ୍ରରେ କୁମ୍ଭ ଥାଇ ଧଡ଼ିର ବର୍ଣ୍ଣ ହେଉଛି ନାଲି ।

**ଶ୍ରୀବଳଭଦ୍ର:** ଲମ୍ବା ୧୪ ହାତ, ଓସାର ୪ ହାତ, ଧଡ଼ି ଓସାର ୧ ଫୁଟ, ଉକ୍ତ ବସ୍ତ୍ରର ଧଡ଼ି ବର୍ଣ୍ଣ ହେଉଛି କଳା ।

**ମା ସୁଭଦ୍ରା :** ଲମ୍ବା ୧୨ ହାତ , ଓସାର ସାଢେ ୩ ଫୁଟ,ଧଡ଼ି ଓସାର ଏକ ଫୁଟ, ଉକ୍ତ ବସ୍ତ୍ର ଧଡ଼ି ବର୍ଣ୍ଣ ହେଉଛି ହଳଦିଆ ।

ଏତଦବ୍ୟତିତ ଶ୍ରୀବିଗ୍ରହମାନଙ୍କ କଳେବର ଗୋଟିଏ ଗୋଟିଏ ଚାଦରରେ ମଣ୍ଡନ ହୋଇଥାଏ । ଶିର ଦେଶରେ ଶ୍ରୀକାପଡା ବସ୍ତ୍ର (ସୂତା ବସ୍ତ୍ର)ରେ ଆବୃତ କରାଯାଏ । ଚାଦରଟି ଶ୍ରୀଭୁଜରେ ପ୍ରସରି ଥାଏ । ଶ୍ରାଦ୍ଧବେଶରେ ବ୍ୟବହୃତ ହେଉଥିବା ବସ୍ତ୍ରକୁ କାଈ ଧଡ଼ିଆ (ନାଗପୁରୀ) ଲୁଗା କୁହାଯାଏ । ଶ୍ରାଦ୍ଧବେଶରେ ଠାକୁରମାନଙ୍କୁ ଲାଗି କରାଯାଉଥିବା ସ୍ୱର୍ଣ୍ଣ ଅଳଙ୍କାର ମଧ୍ୟରେ ତଡ଼ଗୀ, ନଳିଭୁଜ, ଚନ୍ଦ୍ର, ସୂର୍ଯ୍ୟ, କୁଣ୍ଡଳ, ଆଡ଼କାନି, ହରିଡା ମାଳି, ଅଂଟା କମରପଟି ପ୍ରଭୃତି ଅନ୍ୟତମ । ପିତୃଶ୍ରାଦ୍ଧର ତୃତୀୟ ଦିବସରେ ପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିଥିଲେ । ସେଠାରେ ବନ୍ଦାପନା ଭଳି କେତେକ ନୀତି ସମ୍ପାଦନ ହେବାପରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତନ କରିଥିଲେ ।

# ଖେଳ










# କିଟ୍‌କୁ ଫିକି ଇଣ୍ଡିଆ କ୍ରୀଡ଼ା ପୁରସ୍କାର




ଭୁବନେଶ୍ୱର,(ପି.ଏନ): ଭାରତୀୟ ବାଣିଜ୍ୟ ଓ ଶିଳ୍ପ ମହାସଂଘ (ଫିକି) ପକ୍ଷରୁ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍‌ନୋଲୋଜି(କିଟ୍‌କୁ) ଚଳିତ ବର୍ଷର ଫିକି ଇଣ୍ଡିଆ କ୍ରୀଡା ପୁରସ୍କାର ପ୍ରଦାନ କରାଯାଇଛି। ଆଜି ନୂଆଦିଲ୍ଲୀର ଫିକି ହାଉସଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କିଟ୍ ପକ୍ଷରୁ କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ଏହି ପୁରସ୍କାର ଗ୍ରହଣ କରିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ସ୍ୱତନ୍ତ୍ର ସ୍ୱୀକୃତି ପ୍ରଦାନ କରି କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଉଥିବା ଫିକି ପକ୍ଷରୁ କୁହାଯାଇଛି। କ୍ରୀଡ଼ା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ଫିକି ଗତ ୧୦ ବର୍ଷ ହେଲା ଏହି ପୁରସ୍କାର ପ୍ରଦାନ କରିଆସୁଛି। ଏଥିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ଫିକିକୁ ଧନ୍ୟବାଦ ଜଣାଇଛନ୍ତି। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଏହା ପୂର୍ବରୁ କିଟ୍‌କୁ ଷ୍ଟାର ସ୍ପୋର୍ଟ ପୁରସ୍କାର ମିଳିସାରିଥିବା ବେଳେ ଚଳିତବର୍ଷ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ମନ୍ତ୍ରାଳୟ ପକ୍ଷରୁ ସମ୍ମାନଜନକ ରାଷ୍ଟ୍ରୀୟ କ୍ରୀଡ଼ା ପ୍ରୋତ୍ସାହନ ପୁରସ୍କାର ପାଇବା ନିମନ୍ତେ କିଟ୍‌କୁ ମନୋନୀତ ହୋଇଛି। ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କିଟ୍ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିଆସୁଛି। ଅତ୍ୟାଧୁନିକ ଓ ଉନ୍ନତ କ୍ରୀଡ଼ା ଭିତ୍ତିଭୂମିଠାରୁ ଆରମ୍ଭ କରି ଅଲିମ୍ପିଆନ୍ ସୃଷ୍ଟି କରି କିଟ୍ ସମଗ୍ର ବିଶ୍ୱରେ ନାଁ କମେଇ ପାରିଛି। ଆଜି ପୁରସ୍କାର ପ୍ରଦାନ ଉତ୍ସବରେ ଫିକି ପ୍ରେସିଡେଣ୍ଟ ଇଲେକ୍ଟ ତଥା ଇମ୍ପା ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଶିଷ୍ଟ କ୍ରୀଡ଼ା ସାମ୍ବାଦିକ ଓ ଭାରତୀୟ କ୍ରୀଡ଼ା ପୁରସ୍କାର ପ୍ୟାନେଲ୍‌ର ଅଧ୍ୟକ୍ଷ ବିଜୟ ଲୋକାପାଲି, ଫିକି କ୍ରୀଡ଼ା ଓ ଯୁବ ବ୍ୟାପାର କମିଟି ଅଧ୍ୟକ୍ଷ ତଥା ଡିସ୍‌ନେ ଷ୍ଟାର କ୍ରୀଡ଼ା ମୁଖ୍ୟ ସଂଯୋଗ ଗୁପ୍ତା ଓ ଫିକି କ୍ରୀଡ଼ା ଓ ଯୁବ ବ୍ୟାପାର କମିଟି କୋ-ଚେୟାର ଡ. ଅମିତ ଭାଲା ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ରାପଡା କଲେଜରେ ଜାତୀୟ ସମ୍ବିଧାନ ଦିବସରେ ଭାରତ ଗଣତନ୍ତ୍ରର ଜନନୀ ଶୀର୍ଷକ ଆଲୋଚନାଚକ୍ର

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସମ୍ବିଧାନ ଦିବସ ପାଳନ ଅବସରରେ 'ଭାରତ ଗଣତନ୍ତ୍ରର ଜନନୀ' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିବା ସହ ସ୍ୱାଗତ ସମ୍ଭାଷଣ ରଖିଥିଲେ। ଏହି ଅବସରରେ ଅଧ୍ୟକ୍ଷ ବେହେରା ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ଭାରତୀୟ ସମ୍ବିଧାନର ପ୍ରସ୍ତାବନା ପାଠ କରାଇଥିଲେ। ପ୍ରଫେସର ନନ୍ଦ କିଶୋର ପରିଡା ଓ ପ୍ରଫେସର ଡ଼ଃ. ପ୍ରଦୀପ୍ତ କିଶୋର ଦାସ ବୈଠକରେ ମୁଖ୍ୟବକ୍ତା ଏବଂ ସମ୍ମାନୀତ ବକ୍ତା ଭାବେ ଯୋଗଦେଇଥିଲେ।

## କଳ୍ପତରୁ ସେବାସଙ୍ଘ କେନ୍ଦ୍ରାପଡା ଶାଖା ପକ୍ଷରୁ ଶ୍ରୀ ଶ୍ରୀଲ ରାମଦାସ ବାବାଜୀଙ୍କ ସ୍ମରଣ ଉତ୍ସବ

କେନ୍ଦ୍ରାପଡ଼ା,(ପି.ଏନ): ଶ୍ରୀ ଶ୍ରୀ କଳ୍ପତରୁ ସେବାସଙ୍ଘ କେନ୍ଦ୍ରାପଡା ଶାଖା ପକ୍ଷରୁ ଶ୍ରୀ ଶ୍ରୀଲ ରାମଦାସ ବାବାଜୀଙ୍କ ୬୯ତମ ସ୍ମରଣୋତ୍ସବ କଜଳାସ୍ଥିତ ନୃସିଂହ ଟିକିରି ମଠରେ ଗତ ୧୩ତାରିଖରୁ ଆରମ୍ଭ ହୋଇ ୨୩ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମଠର ପରିଚାଳକ ବାବାଜୀ ହୃଷିକେଶ ଦାସ ମହାରାଜଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରଥମେ ଅଖଣ୍ଡ ନାମସହ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଶ୍ରୀ ତୈଳଚିତ୍ରକୁ ନୃସିଂହ ଟିକିରି ମଠକୁ ଶୁଭାଗମନ ପରେ ସେହି ମଠର ପୂର୍ବତନ ପରିଚାଳନା ଟ୍ରଷ୍ଟି ପୂଜ୍ୟ ହୃଦୟ ଚୈତନ୍ୟ ଦାସ ବାବାଜୀ(ହରିବାବା)ଙ୍କ ତିରୋଧାନ ଉପଲକ୍ଷେ ବୈଷ୍ଣବ ସେବା ସହିତ ସନ୍ଧ୍ୟାରେ ନବରାତ୍ର ନାମଯଜ୍ଞ ଓ ଗୋସ୍ୱାମୀ ତୁଳସୀ ଦାସ କୃତ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣର ସୁବାଧିବାସ କରାଯାଇ ତା ପରଦିନ ଶ୍ରୀରାମଚରିତ ମାନସ ଗ୍ରନ୍ଥ ପାଠ ଆରମ୍ଭ କରାଯାଇଥିଲା। ରାମାୟଣୀ ପଣ୍ଡିତ ଅଭୟ କୁମାର ଦାଶ(ବୁଲୁନନା) ନୃସିଂହ ଭଗବାନଙ୍କ ନିକଟରେ ଜଗନ୍ନାଥ ଦାସଙ୍କ କୃତ ଓଡିଆ ନବାକ୍ଷରୀ ଛନ୍ଦରେ ଲିଖିତ ଭାଗବତକୁ ପାଠ କରିଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ କଳ୍ପତରୁ କଥାଯଜ୍ଞରେ ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ କଥା ସଂସ୍କୃତିର କଥାବାଚକ ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସଜୀ ମହାରାଜ, ଢେଙ୍କାନାଳର ପୂଜ୍ୟ ସନ୍ଥ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ମହାରାଜ, କଟକ ବାୟାବାବା ମଠର ପୂଜ୍ୟ ସନ୍ଥ ବିପିନ ବିହାରୀ ଦାସ ମହାରାଜ "ଗୁରୁରୂପେ ନାରାୟଣ" ଶୀର୍ଷକ ପ୍ରବଚନ ପ୍ରଦାନ କରିଥିଲେ। ବୁଧବାର ନଗର ସଙ୍କୀର୍ତ୍ତନ, ୧୦୮ ଜଳରେ ମହାଭିଷେକ ସହିତ ପୂର୍ବାହ୍ନରେ ସପାର୍ଷଦ ଶ୍ରୀମନ ମହାପ୍ରଭୁଙ୍କ ଭୋଗ ଆରାଧନା ଓ ସୂଚକ କୀର୍ତ୍ତନ କରାଯାଇ ମହୋତ୍ସବର ବିରତି କରାଯାଇଥିଲା। ଏହି ସ୍ମରଣୋତ୍ସବରେ ଜିଲ୍ଲାରୁ ବହୁ ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଗୁରୁବର୍ଗଙ୍କ ଆଶିର୍ବାଦ ପ୍ରାପ୍ତ ହୋଇଥିଲେ। ଦୀର୍ଘ ୧୧ଦିନ ବ୍ୟାପି ଏହି ମହୋତ୍ସବକୁ ସଭାପତି ଗୁଣନିଧି ଜଗତି, ସମ୍ପାଦକ ପ୍ରହଲ୍ଲାଦ ପୃଷ୍ଟି, ପଣ୍ଡିତ ଦୁର୍ଗା ପ୍ରସାଦ ରଥ, ବିଭୁତି ରଞ୍ଜନ ସୂତାର, ନିରଞ୍ଜନ ଦ୍ୱିବେଦୀ, ବାବାଜୀ ଦିନବନ୍ଧୁ ଦାସ, ଚକ୍ରଧର ବେହେରା, ପ୍ରେମାନନ୍ଦ ବାବା, ଶିବାନନ୍ଦ ସାଳି ବାବା, ରମାକାନ୍ତ ପଣ୍ଡା, ନବଘନ ସୂତାର, ରତ୍ନାକର ପାତ୍ର, ଶୁକଦେବ ଜେନା ଓ ଅଜୟ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ପଦ୍ମପୁରରେ ପାଳିତ ହେଲା ସମ୍ବିଧାନ ଦିବସ




ଭୁବନେଶ୍ୱର ,(ପି.ଏନ): ସମ୍ବିଧାନ ଦିବସ ଉପଲକ୍ଷେ ପଦ୍ମପୁର ଠାରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ପାଳିତ ହେଲା। ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକ, ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରନ ପଟ୍ଟନାୟକ, ଶ୍ରୀ ଜୟଦେବ ଜେନା, ମହିଳା କଂଗ୍ରେସ ସଭାପତି ଶ୍ରୀମତୀ ବନ୍ଦିତା ପରିଡ଼ା, ଜିଲ୍ଲା ସଭାପତି ନିହାର ମହାନନ୍ଦ, ନିପନ ଦାସ, ଯଜ୍ଞେଶ୍ୱର ବାବୁ, ସଂଜୟ ଭୋଇ ଓ ଅନ୍ୟାନ୍ୟ ନେତୃବର୍ଗ ସମ୍ବିଧାନର ପ୍ରଣେତା ବିଆର ଆମ୍ବେଦକରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ସହିତ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପଣ୍ଡିତ ନେହେରୁଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ଶ୍ରୀ ଶରତ ପଟ୍ଟନାୟକ ଉପସ୍ଥିତ କଂଗ୍ରେସ ନେତୃବର୍ଗ ତଥା ଜନସାଧାରଣଙ୍କୁ ସମ୍ବୋଧିତ କରି କହିଥିଲେ ଯେ ଆମ ସମ୍ବିଧାନ ହେଉଛି ଏ ଦେଶର ଆତ୍ମା। ଭାରତୀୟ ମାନଙ୍କର ଜୀବନ ଧାରଣ ପାଇଁ ଜୀବନ ସଂହିତା। ସମ୍ବିଧାନକୁ ଦୁର୍ବଳ କରିବାପାଇଁ ଉଭୟ ନରେନ୍ଦ୍ର ମୋଦି ଓ ନବୀନ ପଟ୍ଟନାୟକ ଷଡ଼ଯନ୍ତ୍ର କରୁଛନ୍ତି। ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକ ଆଜି ମୋଦି ଓ ନବୀନ ପଟ୍ଟନାୟକଙ୍କ ଦ୍ୱାରା କବଳିତ। ସିବିଆଇ, ଇଡି ପ୍ରଭୃତି ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକୁ ଏବେ ଆଉ ନିରପେକ୍ଷ ନାହାନ୍ତି। କଂଗ୍ରେସ ମୋଦି ଓ ନବୀନ ଶାସନର ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ବିରୋଧ କରିବାରୁ କଂଗ୍ରେସର ନେତୃମଣ୍ଡଳୀ ମୋଦି ଓ ନବୀନ ଶାସନର ଅତ୍ୟାଚାରରେ ସୀକାର ହେଉଛନ୍ତି। ସମ୍ବିଧାନ ଦୁର୍ବଳ ହେଲେ ଦେଶ ଦୁର୍ବଳ ହୋଇଯିବ। ଆମ୍ବେଦକରଙ୍କ ପ୍ରଣିତ ସମ୍ବିଧାନ ଦେଶରେ ସାର୍ବଭୌମ, ସମାନତା, ଧର୍ମନିରପେକ୍ଷତା ବଜାୟ ରଖିବା ପାଇଁ ଆଲୋକ ଦେଖାଇବା ସହ ଦେଶର ଅଖଣ୍ଡତା, ପ୍ରଗତି ଏବଂ ଅଭିବୃଦ୍ଧି ପାଇଁ ଅଭିପ୍ରେତ। ଦେଶକୁ ସୁରକ୍ଷିତ ରଖିବାପାଇଁ ଏମାନଙ୍କ କବଳରୁ ସମ୍ବିଧାନକୁ ବଂଚାଇବା କଂଗ୍ରେସ ଦଳର ପ୍ରଧାନ କର୍ତବ୍ୟ। ସମ୍ବିଧାନର ସୁରକ୍ଷା ପାଇଁ ସମସ୍ତେ ସଂକଳ୍ପବଧ ହେବାପାଇଁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ଏହାପରେ ଏଠାରେ ଶ୍ରୀ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ସେ କହିଥିଲେ ଯେ ପଦ୍ମପୁର ମଣ୍ଡଳୀରେ ଉପନିର୍ବାଚନରେ ଭାରତୀୟ ଜାତୀୟ କଂଗ୍ରେସ ପାର୍ଥୀ ସତ୍ୟଭୂଷଣ ସାହୁଙ୍କୁ ସମସ୍ତେ ମତଦାନ ଦେବା ସହ ଏ ନିର୍ବାଚନ ମଣ୍ଡଳୀର ସ୍ୱାର୍ଥ ସାଧଡ଼ ପାଇଁ ସଂପଳ୍ପବଦ୍ଧ ହୁଅନ୍ତୁ। ବିଜେଡ଼ି ଓ ବିଜେପି ଉପନିର୍ବାଚନରେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଫସଲବୀମା ନେଇ ଯେଉଁ କୁମ୍ଭୀର କାନ୍ଦଣା କରୁଛନ୍ତି ଏହା ହାସ୍ୟାସ୍ପଦ। କେନ୍ଦ୍ର ଓ ରାଜ୍ୟରେ ଦୁଇ ଦଳ ସରକାରରେ ଥିବା ବେଳେ ଏବଂ ଏମାନଙ୍କର ଗୋଟିଏ ନୀତି ନିଷ୍ପତି ହୋଇଥିବା ବେଳେ ଚାଷୀର ସ୍ୱାର୍ଥ କିପରି ବଳିପଡ଼ିଲା ତାହା ଆଜି ପ୍ରଶ୍ନବାଚୀ। ପଦ୍ମପୁରକୁ ଜିଲ୍ଲା ଘୋଷଣା କରିବା ଦାବି ବହୁ ପୁରୁଣା ହୋଇଥିଲେ ମଧ ଏବେ ନବୀନ ପଟ୍ଟନାୟକ ଉପନିର୍ବାଚନ ଆସିବାରୁ ଭୂଆଁ ବୁଲାଉଛନ୍ତି। ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ନିମ୍ନ ପ୍ରତିଶ୍ରୁତି ଗୁଡିକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଥିଲା। ୧. ପଦ୍ମପୁର ସବଡିଭିଜନକୁ ଜିଲ୍ଲାର ମାନ୍ୟତା ପାଇଁ ସଂଗ୍ରାମ ଜାରି ରହିବ। ୨. ପାଇକମାଳକୁ ବିଜ୍ଞାପିତ ଅଂଚଳ ପରିଷଦରେ ପରିଣତ କରାଇବା ପାଇଁ ଚେଷ୍ଟା ବଳବତର ରହିବ। ୩. ମେଲଛାମୁଣ୍ଡା ଏବଂ ଲଖମରାକୁ ବ୍ଲକ କରିବାପାଇଁ ପ୍ରଚେଷ୍ଟା ଜାରି ରହିବ। ୪. ଚାଷୀର ଧାନର ସର୍ବନିମ୍ନ ମୂଲ୍ୟ ୨୬୦୦ ଟଙ୍କା ଏବଂ ବୀମା ରାଶି ମିଳିବା ପାଇଁ ପୂର୍ଣ୍ଣ ସହଯୋଗ ଓ ଦୃଢ଼ ପ୍ରଚେଷ୍ଟା କରିବି। ୫. ବରଗଡ଼-ନୂଆପଡ଼ା ନୂତନ ରେଳ ଲାଇନ ଭାୟା ପଦ୍ମପୁର ପାଇଁ ଦାବି ଜୋର କରାଯିବ। ୬. ଲଖମରା ଠାରେ ଅଙ୍ଗନଦୀରେ ଏକ ବ୍ୟାରେଜ ନିର୍ମାଣ କରି ଉଭୟ ପାର୍ଶ୍ୱରେ ମେଗା ଲିଫ୍ଟ ଦ୍ୱାରା ପଦ୍ମପୁର ସହରକୁ ପିଇବା ପାଣି ଓ ଜଳସେଚନ ସୁବିଧା କରାଯିବ। ୭. ଦିପ୍ତୀପୁର ମିଶନ ଡାକ୍ତରଖାନାର ପୁନରୁଦ୍ଧାର ପାଇଁ ଚେଷ୍ଟା ଜାରି ରହିବ। ୮. ଦେବଦରହାକୁ ରାଜ୍ୟସ୍ତରୀ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାପାଇଁ ଚେଷ୍ଟା କରିବି। ୯. ପଦ୍ମପୁର ଠାରେ ଏକ ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରାଯିବ। ୧୦. ନିର୍ବାଚନ ମଣ୍ଡଳୀରେ ଏକ କୃଷି ମହାବିଦ୍ୟାଳୟର ସ୍ଥାପନ ପାଇଁ ପ୍ରଚେଷ୍ଟା କରାଯିବ। ୧୧. ଝାରବନ୍ଧ ଠାରେ +୨ ଓ +୩ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ୧୨. ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ଥିବା ସସ୍ତ ସରକାରୀ ଡାକ୍ତରଖାନାର ପଦପଦବୀ ପୂରଣ କରାଯିବ। ୧୩. ନୃସିଂହନାଥ ତୀର୍ଥ କ୍ଷେତ୍ରକୁ ଜାତୀୟ ସ୍ତରର ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପ୍ରଦାନ ପାଇଁ ଚେଷ୍ଟା ଜାରି ରହିବ।

# କର୍ପୋରେଟ୍ ଏବଂ ଏକାଡେମୀର ମିଳିତ ବୈଠକ - ୨୦୨୨







ଭୁବନେଶ୍ୱର,(ପି.ଏନ): ର୍ପୋରେଟ୍ ଏବଂ ଏକାଡେମୀ ମଧ୍ୟର ବ୍ୟବଧାନକୁ ଦୂର କରିବାକୁ Eureka Learnings ଏବଂ Jetsmart IT Services ର ଏକ ମିଳିତ ପ୍ରୟାସ । ଓଡିଶା , ୨୬ ନଭେମ୍ବର ୨୦୨୨ - ଓଡ଼ିଶାର ବଡ ବଡକର୍ପୋରେଟ୍ ଏବଂ ଏକାଡେମୀର ଏକ ମିଳିତ ବୈଠକ Mayfair Lagoon, Bhubaneswar ରେ ଅନୁଷ୍ଠିତ ହୋଇ ଯାଇଛି । ଏହି ମିଳିତ ବୈଠକ Eureka Learnings ଏବଂ Jetsmart IT Services ର CEO ସୁରଜ କୁମାର ରାଜ ଦ୍ୱାରା ପରିଚ୍ଚାଳିତ ହୋଇଥିଲା । ମୁଖ୍ୟ ବକ୍ତା ଭାବରେ ଡକ୍ଟର ଅଶ୍ୱିନୀ କୁମାର ରାଜ ଏବଂ ପୂଜା ଭି ଯୋଶୀ ଯୋଗ ଦେଇଥିଲେ । ଏହି ବୈଠକରେ ବିଭିନ୍ନ କର୍ପୋରେଟ୍‌ସେକଟର ର HR Heads, Learning and Development Heads , Sr . Principal Consultants, Vice Presidents Gaõ GKûùWcú e ajê PÿeþPÿòZprofessors, WòùeKUið, Training ଏବଂ placement ଅଫିସର୍ସ ଉପସ୍ଥିତ ଥିଲେ ।

ଇଣ୍ଡଷ୍ଟ୍ରିଆଲ୍ ୪.୦ ବିପ୍ଳବ (Industry Revolution ୪ .୦) ସହିତ, ଲୋକ ମାନେ AI, ML, Robotics, ଏବଂ Cyber Security ପ୍ରତି ଆକୃଷ୍ଟ ହେଉଛନ୍ତି। ଏହି ଦ୍ରୁତ ଗତିଶୀଳ ପ୍ରତିଯୋଗିତାମୂଳକ ଦୁନିଆରେ, ନୂତନ ଯୁବପିଢ଼ି industry ରେ ପ୍ରବେଶ କରିବାକୁ ତାଲିମ ପ୍ରାପ୍ତ ହେବା ଉଚ୍ଚିତ।

ଯେହେତୁ ଆମେ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଛୁ, ଆମେ technical ଦକ୍ଷତା ସହିତ ଅନୁସନ୍ଧାନ ଏବଂ ଗବେଷଣାର ଅଗ୍ରଗତିକୁ ଅଧିକରୁ ଅଧିକ ବୃଦ୍ଧି କରିବା ଉଚ୍ଚିତ୍ ।ତେଣୁ, ଏକାଡେମିକ୍-କର୍ପୋରେଟ୍ ସହଯୋଗ ଶୀଘ୍ର ସମଗ୍ର ବିଶ୍ୱରେ ପ୍ରସାରିତ ହେବାକୁ ଯାଉଛି । ବିଶେଷକରି ଭାରତ ପରି ବିକାଶଶୀଳ ଅର୍ଥନୀତିରେ ଗତ କିଛି ଦଶନ୍ଧି ମଧ୍ୟରେ ଶିକ୍ଷା ବ୍ୟବସ୍ଥା ଏବଂ corpopprateମଧ୍ୟରେ ବ୍ୟବଧାନ ବୃଦ୍ଧି ପାଇଛି ।ଏହି ପଦକ୍ଷେପ ଯୁବକମାନଙ୍କୁ ଉପକୃତ କରିବା ସହିତ , ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ଏକ ଦକ୍ଷ କର୍ମଜୀବୀ ସୃଷ୍ଟି କରିବାରେ ସହାୟକ ହେବ। "ଆଜି, industry ଏବଂ Academy ମଧ୍ୟରେ ସହଯୋଗ ଏକ ନୂତନତ୍ୱ ଅଭିବୃଦ୍ଧି ସହିତ ଇକୋସିଷ୍ଟମକୁ ଅନୁକରଣ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ।' ବୋଲି ଡ. ଅଶ୍ୱିନୀ କୁମାର ରାଜ କହିଲେ ।ଇସି -କାଉନସିଲ୍ ଫର୍ ଇଣ୍ଡିଆର ଦେଶ ନିର୍ଦ୍ଦେଶକ ପୂଜା ଯୋଶୀଙ୍କୁ ଯୋଗ କରି କହିଛନ୍ତି, "ଚ୍ଚଳିତ ଏବଂ ଆଗାମୀ ଯୁବ ପିଢ଼ି ପାଇଁ ଉଚ୍ଚଭରକ୍ସ ଝରମଙ୍କକ୍ସସଞ୍ଚ ଏକ ମୌଳିକ ଆବଶ୍ୟକତା 'ସମସ୍ତ ଉପସ୍ଥିତ ବୁଦ୍ଧିଜୀବୀ ମାନେ ନିଷ୍ପାରିତ କଲେ ଯେ Corporate ଏବଂ ବମବୟରଙ୍କସବ ସହଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି । କାରଣ ଆଜୀବନ ଶିକ୍ଷା ହେଉଛି ଏହି କ୍ରମାଗତ ପରିବର୍ତ୍ତନଶୀଳ ପରିସ୍ଥିତିରେ ବଞ୍ଚିବାର ଏକମାତ୍ର ଉପାୟ ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray